ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.168 Bhubaneswar Thursday August 10 2023 | ୨୬ତମ ବର୍ଷ ସଂଖ୍ୟା-୧୬୮ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS






## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ୱର୍ଗତ ମନୋରମା ମହାପାତ୍ର କକ୍ଷ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ

# ଅନାସ୍ଥା ପ୍ରସ୍ତାବ: ମଣିପୁର ହିଂସା ପାଇଁ ହାଇକୋର୍ଟଙ୍କୁ ଦାୟୀ କଲେ ଅମିତ ଶାହ



ଭୁବନେଶ୍ୱର,୯ ।୮(ପି.ଏନ): ମୋଦି ସରକାରଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପ୍ରାୟ ୨ ଘଣ୍ଟା ଭାଷଣ ଦେଇଛନ୍ତି । ସେ ସରକାରଙ୍କ ସଫଳତା ବଖାଣିବା ସହ କଶ୍ମୀର ଠାରୁ ଆରମ୍ଭ କରି କରୋନା ଯାଏ ସବୁ ପ୍ରସଙ୍ଗରେ ସରକାର ନେଇଥିବା ନିଷ୍ପତ୍ତିଗୁଡିକ ଗୃହକୁ ଅବଗତ କରାଇଛନ୍ତି । ସେ ବିରୋଧୀଙ୍କୁ ସମାଲୋଚନା କରିବାକୁ ମଧ୍ୟ ପଛାଇ ନାହାନ୍ତି । ବିରୋଧୀ ମଣିପୁର ହିଂସା ପ୍ରସଙ୍ଗରେ ସରକାରଙ୍କ ବିପଫଳତାକୁ ଦାୟୀ କରୁଥିବା ବେଳେ ଅମିତ ଶାହ ଆଜି ଏହାକୁ କାଉଣ୍ଟର କରିଛନ୍ତି । ମଣିପୁର ଜଳିବା ପଛରେ ସେ ମଣିପୁର ହାଇକୋର୍ଟ ଦେଇଥିବା ରାୟକୁ ଦାୟୀ କରିଛନ୍ତି ।ଏପ୍ରିଲ ମାସରେ ମୈତେଇ ସଂପ୍ରଦାୟର ଲୋକଙ୍କୁ ହଠାତ୍ ? ହାଇକୋର୍ଟ ଆଦିବାସୀ ମାନ୍ୟତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିଷ୍ପତ୍ତି ହିଁ ମଣିପୁରରେ ସୃଷ୍ଟି ହୋଇଥିବା ହିଂସାକୁ ବ୍ୟାପକ କରିଥିଲା । ପାହାଡ ଉପରେ ରହୁଥିବା କୁକି ସଂପ୍ରଦାୟର ଲୋକମାନେ ଏହାକୁ ବିରୋଧ କରିବାରୁ ଭୟଙ୍କର ହିଂସା ଘଟିଥିବା ସେ କହିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ଆମେରିକା ରାଷ୍ଟ୍ରଦୂତ

ନୂଆଦିଲ୍ଲୀ/ଭୁବନେଶ୍ୱର, ୯ ।୮(ପି.ଏନ): ଆମେରିକାର ରାଷ୍ଟ୍ରଦୂତ ଇରିକ୍ ଗରସେଟ୍ଟି ବୁଧବାର ଦିନ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଭେଟିଛନ୍ତି । ଏହି ସାକ୍ଷାତ ସମୟରେ ସେ ଶିକ୍ଷା, ନବସୃଜନ, ଗବେଷଣା ସମେତ ଆମେରିକା ଓ ଭାରତ ମଧ୍ୟରେ ଦକ୍ଷତା ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଆମେରିକା ରାଷ୍ଟ୍ରଦୂତଙ୍କୁ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ପ୍ରଦାନ କରିଥିଲେ ।

## ଦୁର୍ବଳ ମୌସୁମୀ ପ୍ରଭାବରେ କମିଲା ବର୍ଷା, ଗୁଳୁଗୁଳି ଜାରି

ଭୁବନେଶ୍ୱର, ୯ ।୮(ପି.ଏନ): ରାଜ୍ୟରେ ମୌସୁମୀ ପ୍ରବାହ ଦୁର୍ବଳ ରହିଛି । ମୌସୁମୀ ନିମ୍ନ ଚାପ-ରେଖା ଆଜି ତାର ସାଧାରଣ ଅବସ୍ଥାନ ଠାରୁ ଉତର ରେ ରହିବା ସହ, ଏହା ପଞ୍ଜାବର ଅମୃତସର ରୁ ବାହାରି ଚଣ୍ଡିଗଡ, ନଯିବାବାଦ, ଗୋରଖପୁର, ସୁପାଉଲ , ମଧ୍ୟଦେଇ ପଶ୍ଚିମବଙ୍ଗ ର ବାଲୁରଘାଟରୁ ପୂର୍ବ ଦିଗରେ ମଣିପୁର ଯାଏଁ ଲମ୍ବିଛି ।

## ଭାରତ ଛାଡ' ଆନ୍ଦୋଳନ ଡାକରାର ୮୧ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା

ଭୁବନେଶ୍ୱର, ୯ ।୮(ପି.ଏନ): ଭାରତ ଛାଡ ଆନ୍ଦୋଳନ ଡାକରାର ୮୧ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ଦେଶରେ ଭ୍ରଷ୍ଟାଚାର, ବଂଶବାଦ ଏବଂ ତୁଷ୍ଟିକରଣ ମନୋବୃତ୍ତି ଆଧାରିତ ରାଜନୀତି ବିରୋଧରେ ଭାରତ ଛାଡ ଆନ୍ଦୋଳନ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ଗାଁ, ପଂଚାୟତ, ବ୍ଲକ, ଜିଲ୍ଲା, ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ଏହି ଆନ୍ଦୋଳନକୁ ଜନଆନ୍ଦୋଳନର ରୂପ ଦେବା ପାଇଁ ଅପିଲ୍ କରିଛନ୍ତି ଶ୍ରୀ ପ୍ରଧାନ । ଏହି ଭିଡିଓ ବାର୍ତ୍ତାରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜି ହେଉଛି ଏକ ସ୍ମରଣୀୟ ଓ ପ୍ରେରଣାଦାୟୀ ଦିନ । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଅଂହିସାର ପୂଜାରୀ ପୂଜ୍ୟ ବାପୁ ଇଂରେଜ ଶାସକଙ୍କ ବିରୋଧରେ 'ଭାରତ ଛାଡ' ଆନ୍ଦୋଳନ ଡାକରା ଦେଇଥିଲେ । ଗାନ୍ଧିଜୀଙ୍କ ଏହି ପ୍ରେରଣାଦାୟୀ ଡାକରା ବ୍ରିଟିଶ ସରକାରଙ୍କୁ ଭୟଭୀତ କରାଇ ଦେଇଥିଲା ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଏକ ନିର୍ଣ୍ଣାୟକ ମୋଡ ଦେଇଥିଲା । ଆମ ରାଜ୍ୟ ଓଡ଼ିଶାରେ ଗାନ୍ଧିଜୀଙ୍କ ଭାରତ ଛାଡ ଆନ୍ଦୋଳନ ଡାକରାର ପ୍ରଭାବ ସାଧାରଣ ଲୋକଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଓ ନୂଆ ଉଦ୍ଦୀପନା ଆଣିଦେଇଥିଲା । ଗାନ୍ଧିଜୀଙ୍କ ଡାକରାରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ସଂଗ୍ରାମୀ ଡକ୍ଟର ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ତଥା ଅନେକ ପ୍ରମୁଖ ନେତୃମଣ୍ଡଳୀ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ । ଗାନ୍ଧିଜୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଓଡ଼ିଶାର ବରପୁତ୍ର ପବିତ୍ରମୋହନ ପ୍ରଧାନ ୧୯୪୨ରେ ଜେଲରୁ ଖସି ଆସି ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେଇ ନିଜର ଅନନ୍ୟ ସାହସର ପରିଚୟ ଦେଇଥିଲେ । କୋରାପୁଟର ଲକ୍ଷ୍ମଣ ନାଏକ ଫାଶୀ ଖୁଣ୍ଟରେ ପ୍ରାଣବଳୀ ଦେବା ଦେଶପ୍ରୀତିର ଚରମ ନିଦର୍ଶନ । ବରଗଡ଼ର ପାଣିମୋରା ଗାଁରୁ ୩୬ ଜଣ ଯୁବକ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିବା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଉଜ୍ଜ୍ୱଳ ଅଧ୍ୟାୟ ।

## ପାଣ୍ଡିଆନଙ୍କ ଗସ୍ତ ପାଇଁ ସ୍କୁଲ ଛୁଟି କରିବାରୁ ମୋ ପୁଅ ପାଣିରେ ବୁଡିଗଲା !



ଭୁବନେଶ୍ୱର,୯ ।୮(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ୍ଚିବ ଭି.କେ. ପାଣ୍ଡିଆନ ସାର୍ ଆସିଥିଲେ ବୋଲି ଅଧାରୁ ସ୍କୁଲ ଛୁଟି କିରି ଦିଆଗଲା । ମୋ ପିଲା ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡିଗଲା । ଏପରି କହିଛନ୍ତି କଟକ ନାରାଜ ନିକଟରେ ମହାନଦୀରେ ଭାସିଯାଇ ନିଖୋଜ ଥିବା ଜଣେ ପିଲାର ବାପା । ସେ ଆହୁରି କହିଛନ୍ତି, ପାଣ୍ଡିଆନ ସାର୍ ଗତକାଲି କଟକ ଆସିଥିଲେ । ବାଲିଯାତ୍ରା ପଡିଆରେ ତାଙ୍କର କାର୍ଯ୍ୟକ୍ରମ ଥିଲା । ଏଥିପାଇଁ ସ୍କୁଲ ଛୁଟି କରି ଦିଆଯାଇଥିଲା । ପିଲାମାନଙ୍କୁ ବାଲିଯାତ୍ରା ପଡିଆରେ ହେଉଥିବା କାର୍ଯ୍ୟକ୍ରମ ଯିବାକୁ କୁହାଯାଇଥିଲା । ସ୍କୁଲ ଛୁଟି ହେବା ବିଷୟରେ ଆମେ ଜାଣିନଥିଲୁ । ସ୍କୁଲ ୭ଟାରୁ ଆରମ୍ଭ ୨ଟାରେ ଛୁଟି ହୁଏ । ୫ଟା ବେଳେ ମୋ ପୁଅ ବୁଡି ଯାଇଥିବା ମୁଁ ଖବର ପାଇଥିଲି ।

## ହାଇଦ୍ରାବାଦରେ ଓଡିଆ ଆଇଆଇଟି ଛାତ୍ରୀଙ୍କ ମୃତ୍ୟୁ: ପରିବାର ଆଣିଲେ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୯ ।୮(ପି.ଏନ): ଆଇଆଇଟି ହାଇଦ୍ରାବରେ ପାଠ ପ ?ୁଥିବା ଜଣେ ଓଡିଆ ଛାତ୍ରୀଙ୍କର ମୃତ୍ୟୁ ଘଟିଛି । ମୃତା ଛାତ୍ରୀ ଜଣଙ୍କ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଥିବା ବେଳେ ତାଙ୍କର ପରିବାର ଲୋକେ ଆଣିଛନ୍ତି ହତ୍ୟା ଅଭିଯୋଗ । ତାଙ୍କୁ ରାଗିଂ କରି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦିଆଯାଇଛି । ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ କହିଛନ୍ତି ।ସୂଚ଼ନା ମୁତାବକ, ସୁବର୍ଣ୍ଣପୁର ଜିଲ୍ଲାର ୨୧ ବର୍ଷୀୟା ଓଡିଆ ଛାତ୍ରୀ ମମିତା ନାଏକ ହାଇଦ୍ରାବାଦରେ ପାଠ ପଢୁଥିଲେ । ଗତ ମାସ ୨୬ ତାରିଖରେ ସେ ଆଇଆଇଟିରେ ଏମ.ଟେକରେ ନାମଲେଖାଇଥିଲେ । ରାତିରେ ସବୁ ଛାତ୍ରୀ କ୍ୟାଣ୍ଟିନକୁ ଖାଇବାକୁ ଯାଇଥିବା ବେଳେ ମମିତା ଯାଇନଥିଲେ । ଏହାପରେ ତାଙ୍କର ଜଣେ ସହପାଠୀ ତାଙ୍କୁ ଫୋନ କରିଥିଲେ, ମାତ୍ର ସେ କଲ୍ ରିସିଭ୍ କରିନଥିଲେ । ଏହାପରେ ତାଙ୍କର ରୁମ୍‌କୁ ଆସି ଦେଖିବା ବେଳକୁ ମମିତା ଆତ୍ମହତ୍ୟା କରିଥିବା ଜଣାପଡିଥିଲା ।ଏହାପରେ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯିବା ପରେ ମମିତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତେବେ ମମିତାଙ୍କ ରୁମରୁ ଗୋଟିଏ ସୁଇସାଇଟ୍ ନୋଟ ପୋଲିସ ଜବତ କରିଛି । ଅର୍ଥାଭାବ ଓ ପାଠପଢ଼ାର ଚ଼ାପ କାରଣରୁ ସେ ସୁଇସାଇଡ୍ କରିଥିବା ସେଥିରେ ଉଲ୍ଲେଖ ରହିଥିବା ପୋଲିସ ସୂଚ଼ନା ଦେଇଛି । ତେବେ ଗତ ୧ ବର୍ଷ ମଧ୍ୟରେ ଗୋଟିଏ କ୍ୟାମ୍ପସରୁ ୭ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡିଛି । ତେଣୁ କାହିଁକି ଏତେମାତ୍ରାରେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି ସେନେଇ ଏବେ ପୋଲିସ ଅନୁସନ୍ଧାନ ଜାରି ରଖିଛି

## ଓଡିଶା ନକ୍ସଲ ମୁକ୍ତ ହୋଇଛି କହିଲେ, କଶ୍ମୀର ପ୍ରସଙ୍ଗ ଉଠାଲେ ଅମିତ ଶାହ

ଭୁବନେଶ୍ୱର,୯ ।୮(ପିଏନ):ଲୋକସଭାରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମତ ରଖିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କେନ୍ଦ୍ର ସରକାରଙ୍କ ସଫଳତାର ହିସାବ ଦେବାକୁ ଆଁଣି ପଛାଇ ନାହାନ୍ତି । ଏଥିସହ ସେ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରସଙ୍ଗରେ ବି ପୂରା ଦେଶବାସୀଙ୍କୁ ଅବଗତ କରାଇଛନ୍ତି । ବର୍ତ୍ତମାନ ଓଡିଶା ନକ୍ସଲ ମୁକ୍ତ ହୋଇଥିବା ସେ ଗୃହରେ ସୂଚ଼ନା ଦେଇଛନ୍ତି ।କିଛି ଦିନ ତଳେ ଶ୍ରୀ ଶାହ ଓଡିଶା ଆସିଥିଲେ । ଏହି ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳତ ଭାବେ କେମିତି ନକ୍ସଲ ଦମନ ଅଭିଯାନକୁ ଓଡିଶାରେ କାର୍ଯ୍ୟକାରୀ କରାଯାଇଛି, ତା'ର ତଥ୍ୟ ରଖିଥିଲେ । ଆଜି ଲୋକସଭାରେ ସେ ନକ୍ସଲ ଦମନ ପ୍ରସଙ୍ଗ ଉଠାଇଛନ୍ତି ।ସେ କହିଛନ୍ତି ଯେ କେନ୍ଦ୍ର ସରକାର ବାମପନ୍ଥୀ ଉଗ୍ରବାଦ ପ୍ରତି ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛନ୍ତି । ନକ୍ସଲ ଉପଦ୍ରବୀ ଜିଲ୍ଲା ସଂଖ୍ୟା ୧୧୮ରୁ ୪୫କୁ ଖସିଛି । ଓଡିଶା, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର ଓ ଝାରଖଣ୍ଡ ଭଳି ରାଜ୍ୟ ନକ୍ସଲ ଉପଦ୍ରବରୁ ମୁକ୍ତ ହୋଇସାରିଛି । ଏବେ କେବଳ ଛତିଶଗଡର ୩ଟି ଜିଲ୍ଲାରେ ସେମାନେ ସକ୍ରିୟ ରହିଥିବା ଶାହ କହିଛନ୍ତି ।

## କେରଳର ନାଁ ହେବ କେରଳମ: ବିଧାନସଭାରେ ସଂକଳ୍ପ ପାସ୍



ଭୁବନେଶ୍ୱର,୯ ।୮(ପି.ଏନ): ରାଜ୍ୟର ନାଁ ପରିବର୍ତ୍ତନ କରିବାକୁ କେରଳ ବିଧାନସଭା ସର୍ବସମ୍ମତିକ୍ରମେ ଗୋଟିଏ ସଂକଳ୍ପ ପାରିତ କରିଛି । କେରଳରୁ ରାଜ୍ୟର ନାଁ କେରଳମ କରିବାକୁ ସଂକଳ୍ପ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଭାରତୀୟ ସମ୍ବିଧାନର ୮ମ ସେଡ୍ୟୁଲ ଓ ସମସ୍ତ ସରକାରୀ ଦସ୍ତାବାଜ୍‌ରେ ରାଜ୍ୟର ନାଁ କେରଳ ବଦଳରେ କେରଳମ କରିବାକୁ କୁହାଯାଇଛି । ବୁଧବାର କେରଳ ମୁଖମନ୍ତ୍ରୀ ପିନରାୟୀ ବିଜୟନ ବିଧାନସଭାରେ ଏହି ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବକୁ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ବିରୋଧ କରି ନଥିଲା । ସେହିପରି ଏଥିରେ ଦଳ ପକ୍ଷରୁ କୌଣସି ପ୍ରକାରର ସଂଶୋଧନ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇ ନଥିଲା । ଏହାପରେ ସର୍ବସମ୍ମତିକ୍ରମେ ଏହା ବିଧାନସଭାରେ ପାରିତ ହୋଇଥିଲା ।

## ଦୁଇ ଜଣ ଗଞ୍ଜେଇ ବେପାରୀଙ୍କୁ ୧୦ ବର୍ଷ ଲେଖା ସଶ୍ରମ କାରାଦଣ୍ଡ

ମାଲକାନଗିରି,୯ ।୮(ପି.ଏନ): ମାଲକାନଗିରି ଜିଲ୍ଲାଦୌରା ଜଜ ଗତକାଲି ଦୁଇ ଜଣ ଗଞ୍ଜେଇ ବେପାରୀ ଙ୍କୁ ୧୦ ବର୍ଷ ଲେଖା ସଶ୍ରମ କାରାଦଣ୍ଡ ସହିତ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି । ସୂଚନା ଅନୁଯାୟୀ ଗତ ୨୦୨୦ ମସିହା ଜୁଲାଇ ମାସ ୨୧ ତାରିଖ ଦିନ ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ସବ ଇନିସପେକ୍ଟର ମିଲ ନ ମଜୁମଦାରଙ୍କ ନେତୃତ୍ୱରେ ପୁଲିସ ଟିମ ଚିତ୍ରକୋଣ୍ଡା ରାସ୍ତା ବାଲିମେଳା ଛକଠାରେ ରାତ୍ର ପେଟ୍ରୋଲିଂ କରୁଥିବାବେଳେ ଏକ ୪୦୭ ଗାଡିଟି ଦ୍ରୁତଗତିରେ ପଳାଉ ଥିବାର ଦେଖି ଗୋଡ଼ାଇ ଧରିଥିଲେ ।ଗାଡି ଯାଂଚ କରିବାରୁ ସେଥିରେ ୭ଟି ବସ୍ତାରେ ଗଞ୍ଜେଇ ଥିବାର ଦେଖିଥିଲେ । ଗାଡ଼ିରେ ଥିବା ଉତ୍ତରପ୍ରଦେଶ ରାଜ୍ୟର ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରି ଥାନାକୁ ନେଇ ପଚରା ଉଚରା କରିଥିଲେ । ଜବତ ଗଞ୍ଜେଇକୁ ଓଜନ କରିବାରୁ ୧୭୫ କେଜି ହୋଇଥିଲା । ଦୁଇ ଅଭିଯୁକ୍ତ ଉତ୍ତରପ୍ରଦେଶ ବାଲିଆ ଥାନା ଅଂଚଳର ରାଜେଶ କୁମାର ରାଜକ (୨୭)ଓ ରାଣାଜି ସିଂ(୨୩)ଅଭିଯୁକ୍ତ ଦୁଇଜଣ ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ରାଉରକେଲା ସ୍ମାର୍ଟ ସିଟିରେ ହେଉନି ଖାଦ୍ୟ ମାନ ଯାଂଚ

ରାଉରକେଲା, ୯ ।୮(ପି.ଏନ): ରାଉରକେଲା ସ୍ମାର୍ଟ ସିଟି ଅଂଚଳରେ ଖାଦ୍ୟ ଯାଚଂ ଲାଗି ରହିଛନ୍ତି ଅନେକ ଅଧିକାରୀ । ହେଲେ ସାଧାରଣ ଲୋକେ ବଜାରରୁ ଯେଉଁ ଖାଦ୍ୟ ଖାଉଛନ୍ତି ତାହାର ସଠିକ୍ ମାନ ଯାଂଚ କରାଯାଉନାହିଁ । ବ୍ୟବସାୟୀଙ୍କର ଭୟ ରହୁନାହିଁ ଫଳରେ ବଜାରରେ ନିମ୍ନ ମାନର ଓ ଅପମିଶ୍ରିତ ଖାଦ୍ୟ ବର୍ତ୍ତମାନ ହାଉଯାଉ ହେବାରେ ଲାଗିଛି । ଏନେଇ ସ୍ଥାନୀୟ ସ୍ୱାସ୍ଥବିଭାଗ ଅଧିକାରୀ କହୁଛନ୍ତି ପ୍ଲାନ ଅନୁସାରେ କାମ ହେଉଛି, କମିଶନର କହୁଛନ୍ତି କାମ ଚାଲିଛି ସଠିକ ଖବର ଦେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାଉରକେଲାରେ ୧୫ ବର୍ଷ ତଳେ ଜଣେ ମାତ୍ର ଫୁଡ ଇନ୍ସପେକ୍ଟର ଓ ତାଙ୍କର ୨ ସହଯୋଗୀ ରହି କାମ କରୁଥିଲେ । ସେତେବେଳେ ବଜାରରେ ସମସ୍ତ ପ୍ରକାର ଖାଦ୍ୟ ସଠିକ ମାନର ମିଳୁଥିଲା । ସାଂପୁଲ ତଥା ମାମଲା ସଂଖ୍ୟା ମଧ୍ୟ ବେଶ ଅଧିକ ରହୁଥିଲା ଫଳରେ ବେପାରୀ ଖାଦ୍ୟ ଅପମିଶ୍ରଣରୁ ଦୁରେଇ ରହୁଥିଲେ । ବର୍ତମାନ ଏହା ମହାନଗରର ମାନ୍ୟତା ପାଇଥିବା ବେଳେ ଏଠାରେ ୩ଜଣ ଫୁଡ ସେଫ୍ଟି ଅଫିସର ଓ ଜଣେ ସ୍ୱାସ୍ଥ ଅଧିକାରୀ ଦିର୍ଘ ବର୍ଷ ବର୍ଷ ଧରି ଏଠାରେ ରହିଛନ୍ତି । ସହରରେ ରାସ୍ତା କଡରେ ଚାଲିଥିବା ଫାଷ୍ଟଫୁଡ ସେଂଟର ଗୁଡିକରେ ମଲା କୁକୁଡାରେ ନିମ୍ନ ମାନର ଆରାରୁଟ୍, ଭେଜାଲ ରଂଗ, ନକଲି ଟମାଟୋ ଚିଲିସସ ସହ ବେନାମୀ ସସ୍ ତଥା ତେଲ ବ୍ୟବହାର କରାଯାଇ ଖାଦ୍ୟ ପ୍ରସ୍ତୁତ କରାଯାଇ ବିଷ ଭଳି ଖାଦ୍ୟକୁ ବିକା ଚାଲିଛି ।,ସହରରେ ଅନେକ ବେନାମୀ ବିସ୍କୁଟ, ଚକଲେଟ, ଆଇସକ୍ରିମ, ନମକିନ ପାକେଟ ଓ କୋଲ୍ଡ ଡ୍ରିଙ୍କ ହାଉଯାଉମିଳୁଛି । ସହରର ବାସନ୍ତିକଲୋନୀ, ଛେଣ୍ଡ. ସେକ୍ଟର ,ସାରନଗରୀ, ବନ୍ଧମୁଣ୍ଡା ଅଂଚଳ ସମେତ ଗଳିକନ୍ଦି ଅଂଚଳରେ ଥିବା ଜଳଖିଆ ଦୋକାନ ଗୁଡିକର ଅବସ୍ଥା କହିଲେ ନସରେ ।ଢାବା ଗୁଡିକରେ ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି । ଏଠାରେ ପ୍ରସ୍ତୁତ ହେଉଥିବା ଖାଦ୍ୟ , ମିଠା ଗୁଡିକ ଯେଉଁ ସବୁ ତେଲ ମସଲାରେ ବ୍ୟବହାର ହେଉଛି ତାହା ଅତ୍ୟନ୍ତ ନିମ୍ନ ମାନର । ମାଛ ବଜାରକୁ ଗଲେ ଆନ୍ଧ୍ରା, ରାୟପୁର ଅଂଚଳରୁ ଆସୁଥିବା ମାଛ ଗୁଡିକରେ କେମିକାଲ ଦେଇ ସେଗୁଡିକୁ ବେପାରୀ ଦିର୍ଘ ଦିନ ରଖି ବିକି ଚାଲିଛନ୍ତି । ଫଳ ଏଗୁଡିକୁ ସେହି ଭଳି ଅଧିକ ଦିନ ରଖିବା ଲାଗି ସେଥିରେ ମଧ୍ୟ କେମିକାଲ ଦିଆଚାଲିଛି ।ଫଳରେ ଏଗୁଡିକ ଘରକୁ ଆଣିବା ପରେ ଅଧା ଫଳ କିଛି ଦିନ ପରେ ପଚିଯାଉଛି ସେଗୁଡିକର ସ୍ୱାଦ ମଧ୍ୟ ଭିନ୍ନ ଲାଗୁଛି,ମାଛର ସ୍ୱାଦ ମଧ୍ୟ ରହୁନାହିଁ । କଦଳୀ ରାଉରକେଲା ସହରରେ କେବେ ହେଲେ ପାଚିବା ଦେଖାଯାଏନି, ଏହାକୁ କେମିକାଲ ଦେଇ ରଖାଯାଉଥିବାରୁ ଏହା ସବୁବେଳେ ଟାଣ ହୋଇ ରହୁଛି । ରାସନ ଦୋକାନରେ ମିଳୁଥିବା ଛତୁ ପାଉଡର ଗୁଡିକରେ ପୋକ ସାଲୁବାଲୁ ହେଉଥିବା ବେଳେ ଅନେକ ବେନାମୀ କଂପାନୀର ରନ୍ଧା ତେଲ ଘିଅ ବିକାଚାଲିଛି । ପରିବାରେ ସିଜିନ ଅନୁସାରେ ରଂଗ ଓ କେମିକାଲ ମଧ୍ୟ ଦିଆଚାଲିଛି । ଲୋକେ ଏଭଳି ଖାଦ୍ୟକୁ ବାଧ ହୋଇ ଗ୍ରହଣ କରି ବିଭିନ୍ନ ରୋଗରେ ପଡିବା ସହ ଡାକ୍ତରଖାନା ଦଉଡୁଛନ୍ତି । ସହରର ବିଭିନ୍ନ ହୋଟେଲର ରୋଷେଇଶାଳ ଗୁଡିକର ଯେଉଁ ଅବସ୍ଥା ନକହିଲେ ଭଲ । ଏଭଳି ଅବସ୍ଥା ଭିତରେ ସହରର ଏହି ସ୍ୱାସ୍ଥ ବ୍ୟବସ୍ଥା କେବଳ କାଗଜ କଲମ କୁ ନେଇ ସରକାରୀ ବାବୁ ମାନେ ଟାରଗେଟ ପୁରଣ କରିବାରେ ବ୍ୟସ୍ତ । ଏଥିଲାଗି ରାଉରକେଲା ସ୍ମାର୍ଟ ସିଟିରେ ଗତ ୫ବର୍ଷରେ ଏସଡିଜେଏମ କୋର୍ଟରେ ମାତ୍ର ୧୫ଟି ମାମାଲା ହୋଇଥିବା ବେଳେ ରାଉରକେଲା ଏଡିଏମ ଙ୍କ କୋର୍ଟରେ ମାତ୍ର ୧୨ଟି ମାମାଲା ହୋଇଛି । ତେବେ ଦିର୍ଘ ବର୍ଷ ଧରି ଏହି ମାମାଲ ଗୁଡିକ ହୋଇଥିଲେ ସୁଦ୍ଧା ୫ବର୍ଷ ଭିତରେ କାହା କୁ ଗୋଟିଏ ଦଣ୍ଡ ବିଧାନ ହେବା ନେଇ ବିଭାଗ ପାଖରେ ଖବର ନାହିଁ । ଏଠାରେ ଥିବା ସ୍ୱାସ୍ଥ ଅଧିକାରୀ ଅନେକ ଦିନ ହେଲା ରାଉରକେଲାରେ ରହିଲେଣି ଆଉ ୨ବର୍ଷ ଭିତରେ ସେ ଅବସର ନେବେ ହେଲେ ତାଙ୍କ ସମୟ କାଳ ଭିତରେ ହୋଇଥିବା କାମ କେତେ ଗ୍ରହଣୀୟ ତାହା ତାଙ୍କୁ ପଚରା ଜିବାରୁ ସେକହିଛନ୍ତି କାମ ଚାଲିଛି, କମିଶନର ଏଭଳି କାମରେ କେତେ ସନ୍ତୁଷ୍ଟ ବୋଲି ପଚରାଜିବାରୁ ସେ କହିଛନ୍ତି କାମ ଚାଲିଛି ସଠିକ କୌଣସି ଖବର ଦେଲେ ତାହା ଉପରେ ବିଚାର କରାଜିବ ।ରାଉରକେଲା ଭଳି ସ୍ମାର୍ଟ ସିଟିରେ ହକି ସମୟରେ ଏହି ବିଭାଗ ବାବୁ ମାନଙ୍କୁ ବାହାରକୁ ବାହାରୁଥିବା ଦେଖାଯାଇଥିଲା, ତେବେ ବର୍ତମାନ ଖାଦ୍ୟ ପଦାର୍ଥ ଯାଂଚ ନକରି ବାହାରେ କିଏ ପୁଡିଆ, ସିଗାରେଟ ଖାଇଲା ତାକୁ ଜରିମାନା କରି ନିଜ ପାରିବା ପଣିଆ ଦେଖାଇବା ବେଶ ଆଲୋଚନାର ବିଷୟ ହୋଇଛି ।

## ଗିରିଧର ଗମାଙ୍ଗଙ୍କ କଥା ଉଠାଇଲେ ଅମିତ ଶାହ



ଭୁବନେଶ୍ୱର,୯ ।୮(ପି.ଏନ): ମୋଦି ସରକାର ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମତ ରଖିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ କଥା ଉଠାଇଛନ୍ତି । ଗମାଙ୍ଗଙ୍କ ଗୋଟିଏ ଭୋଟ କେମିତି ଅଟଳ ବିହାରୀ ବାଜପେୟୀଙ୍କ ସରକାରକୁ ଗାଦିଚ୍ୟୁତ କରିଥିଲା, ସେକଥା ଶାହ କହିଛନ୍ତି । ଅମିତ ଶାହ କହିଛନ୍ତି, " ୧୯୯୯ ମସିହାରେ ବାଜପେୟୀଙ୍କ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା । ଏହି ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ସାରିଥିଲେ ମଧ୍ୟ ଗମାଙ୍ଗ ଲୋକସଭାରେ ଭୋଟ ଦେବାକୁ ଆସିଥିଲେ ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୁପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଔଟ ଶ୍ଲୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।




# ଦୁହିତା, ଦୁଇକୁଳକୁ ହିତା...



ଆଜି ୧୮ ଦିନର ନିରବତା ପରେ ଘରେ ଯେମିତି ସବୁ ଚଳ ଚଞ୍ଚଳ, ବୋଉ କୋଭିଡ୍ ଆକ୍ରାନ୍ତ ହୋଇ ହସ୍ପିଟାଲରେ ପଡିବା ୧୮ ଦିନ ହେଲା। ସମସ୍ତେ ଉପରୁ ଦେଖାଯାଉଛନ୍ତି, ଯେପରି ସବୁ ଠିକ୍, ହେଲେ ମୁଁ ଆଉ ମାନସୀ ବାରମ୍ବାର ନିୟୁଜ୍ ଦେଖି ନିଜେ ନିଜକୁ ସାନ୍ତ୍ୱନା ଦେଲାପରି ନା ଆଜି କମିଛି କରୋନା କେସ୍, ହେଲେ ହସପିଟାଲ ବାଲା ମିଛଟାରେ ଡରାଉଛନ୍ତି ଖାଲିଟାରେ। ଖୁବ୍ ଗମ୍ଭୀର ସ୍ୱଭାବର ମାନସୀ ଥରଟିଏ ମୋ ଅଜାଣତରେ ହସ୍ପିଟାଲ ଯାଇ ନର୍ସ, ୱାର୍ଡ ବୟଠାରୁ ଆରମ୍ଭ କରି ଡାକ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ହାତ କରି ନେଇ ସାରିଛି। ତେଣୁ ଫୋନ୍ ରିଙ୍ଗ୍ ହେଲେ, ସେପଟୁ କ'ଣ ଖବର ଆସିଲା ବଡ ଗର୍ବରେ ସେ ଶୁଣାଏ ବୋଉ ଠିକ୍ ହେଉଛନ୍ତି ଆମର, ଆଉ ବାସ୍ ଦିନେ, ଦୁଇ ଦିନରେ ଘରକୁ ଆସିପାରିବେ।

ହେଲେ ଆଜି ଫୋନ୍ ରିସିଭ୍ କଲାପରେ ସେ ଗର୍ବ ଆଉ ଦିଶୁ ନ ଥିଲା, ବାସ୍ କହିଲା ଚାଲ ମେଡିକାଲ, ଆମେ ପହଞ୍ଚିବା ପରେ ଖବର ମୁଁ ପକ୍କା ହେଲି ବେଡ୍ ନଂ. ୧୦୮ ଆଉ ନାହାନ୍ତି। ସରକାରୀ କଟକଣା ହେତୁ ବଡି ହସ୍ତାନ୍ତର ହେବନି, ତଥାପି ଆମେ ଓ ପରେ ପରେ ପହଞ୍ଚିଥିବା ଭାଇ, ଅପା, ସମସ୍ତେ ବାହାରେ ଠିଆ ହେଉ ଥାଉ। ହସପିଟାଲର ବାରଣ୍ଡା ଜନଶୂନ୍ୟ ଏ ପରା କରୋନା ବିଭାଗ, କିଏ ବା କାହିଁ ଏଠି ନିଜ ଆତ୍ମୀୟଙ୍କ ଲାଗି ଭିଡ ଜମେଇବେ।

ମୁଁ ଅପା ଓ ଭାଇଙ୍କ ସହ କଥାରେ ବ୍ୟସ୍ତ, ୱାର୍ଡରୁ ବାହାରୁଥିବା ଦୁଇଜଣ ୱାର୍ଡ ବୟଙ୍କ କଥା କାନରେ ବାଜିଲା ହଁ ଏ କଳିଯୁଗ ଝିଅ ବୋଲି ସିନା ଡାକ୍ତରଙ୍କ ଗୋଡ ଧରି ପକେଇଲେ ସେ ମହିଳା, କି ଥରେ ଦେଖିବି ବୋଉକୁ, ନହେଲେ ଏ ଯୁଗରେ ଓ ଏ ଭୟଙ୍କର ବେମାରୀ ରେ କିଏ ବା କାହାର? ଆମେ ସେ ଆଡେ ଧ୍ୟାନ ଦେଇନଥିଲୁ, ହଠାତ୍ ଆଖି ପଡିଲା ଆରେ ମାନସୀ କାହିଁ? ଏବେ ତ ଆମ ପାଖେ ଠିଆ ହେଇଥିଲା। ସମସ୍ତେ ହସ୍ପିଟାଲ ଭିତରକୁ ଆଗେଇଲୁ, ବସିଛି ମାନସୀ ୱାର୍ଡ ବାହାର ଚେୟାରରେ, ପକେଟ୍ରୁ ସାନିଟାଇଜର କାଢ଼ି ସବୁଆଡେ ଟିକେ ପକାଇବା ପରେ ମାନସୀର ହାତରେ ଟୋପେ ପକାଇଲି ସେ ଚୁପ୍। ତାକୁ ବୁଝାଇଲୁ ଚାଲ ଘରକୁ, ଆମର ଏଠି ବାସ୍ କିଛି ପଇଠ କରିବାର ଥିଲା, ସେମାନେ ତ "ବଡି" ହସ୍ତାନ୍ତର କରିବେନି। ତଥାପି ମାନସୀ ଚୁପ୍, ବାସ ଅପଲକ ନୟନରେ ଚାହିଁଥାଏ ସେ ୱାର୍ଡ ଆଡେ, ଜଣେ ନର୍ସ ବାହାରିଲେ, ମାନସୀ ଖିପ୍ର ଗତିରେ ଦୌଡିଗଲେ, ପିପିଇ କିଟ୍ ପରିହିତା ନର୍ସଙ୍କ ହାତ ଧରି କହିଲେ ଟିକେ ଦେଖିଦେବେନି ମାଡାମ୍, ନର୍ସମାନେ ନ ଶୁଣିଲା ପରି ଆଗକୁ ବଢ଼ି ଚାଲିଲେ, ଆଗକୁ ବଢ଼ିଯାଇ କହିଲେ "ବଡି" ଟା ପ୍ୟାକିଙ୍ଗ୍ ଚାଲିଛି, ଆଉ ନିଜ ନିଜ ଭିତରେ କହିଲେ ଆଜିକାଲି ସେଇ ଝିଅ ହିଁ ମା"ଲାଗି ବିକଳ। ପୁଅ-ବୋହୂଙ୍କର ନିଜ ଜୀବନ ଲାଗି ଭୟ ଥିଲାଗି ହସ୍ପିଟାଲରେ ପକେଇ ଦେଇ ଆଉ ଦେଖିବାକୁ ବି ଆସୁ ନାହାନ୍ତି। ମାନସୀ ଚୁପ୍, ପୁଣି ବସିଲା ସେ ଚେୟାରରେ ଏଥର ମୁଁ ଟିକେ ବିରକ୍ତ ହେଇ କହିଲି, ଚାଲ ଘରକୁ ସେମାନେ ଦେଖିବାକୁ ଦେବେନି, ସେତିକି ବେଳେ ଡାକ୍ତର ଆସି କହିଲେ ତାଙ୍କ ଝିଅ ଏତେ ଅନୁରୋଧ କରୁଛନ୍ତି ସେଥିଲାଗି ମୁଁ ୱାର୍ଡ ବୟଙ୍କୁ କହିଛି ୧୦୮ ବେଡ୍ର ବଡିଟାକୁ ଜରି ପ୍ୟାକିଙ୍ଗ୍ କଲାବେଳେ ପଛପଟ ଗେଟ୍ପାଖେ ଟିକେ ମୁହଁଟା ଦେଖେଇ ଦେବେ।

ହଠାତ୍ ରାଗି ଉଠିଲେ ମାନସୀ, ଖୁବ୍ ଜୋରରେ କହିଲେ ମୁଁ ଝିଅ ନୁହେଁ ମୁଁ ବୋହୂ, ଆଉ ସେ ବଡି ନୁହଁନ୍ତି ସେ "ଆମ ବୋଉ"। ପୁରା କରିଡର ଚୁପ୍ ନର୍ସ, ଡାକ୍ତର, ୱାର୍ଡ ବୟ ଦଉଡି ଆସିଲେ ମାନସୀର ପାଟି ଶୁଣି, ମାନସୀ ଦୀର୍ଘ ଦିନର ବେଦନା ଚାପି ରଖିଥିଲା, ଆଖିରୁ ଏବେ ଝରି ଚାଲିଲା ଲୁହ ଆଉ ସେ କହିଚାଲିଥାଏ, "ଆମେ ଦୁହିତା" ଦୁଇ କୁଳକୁ ହିତା ନୁହେଁ, ଦୁଇ କୁଳକୁ ପିତା"।

ବାପ ଘରେ ହେତୁ ପାଇବାଠାରୁ ଶୁଣିବୁ ସେ ତ ପର ଘର ଯିବ, ତାକୁ କେଉଁ ବି ବଡ ନିଷ୍ପତ୍ତିରେ ମିଶା ଯାଏନି, ଶାଶୂ ଘରକୁ ଆସିଲା ପରେ ସେ ତ ପର ଘରୁ ଆସିଛି ସେ କ'ଣ ବୁଝିବ ଆମ ଘର ସଂସ୍କାର, କାହା ମନ!

ସମସ୍ତେ ଚୁପ୍ ଚାପ ଶୁଣୁଥାନ୍ତି, ଡାକ୍ତର ମତେ ଠାରିଦେଲେ ପଛ ଗେଟ୍କୁ ଯିବା ଲାଗି, ମାନସୀର ହାତ ଧରି ଟାଣି ଟାଣି ଚାଲିଲି, ସେପଟେ ଆମ୍ବୁଲାନ୍ସରେ ବଡି ନା' ବୋଉଙ୍କୁ ରଖା ସରିଛି, ପି.ପି.ଇ କିଟ୍ ପିନ୍ଧା ଲୋକଟେ କହିଲା ବାସ୍ ଦୂରରୁ ଦେଖନ୍ତୁ, ଏ ଭାଇରସ୍ ଖୁବ୍ ମାରାତ୍ମକ।

ମୁଁ ଆଉ ମାନସୀକୁ ଅଟକାଇବାର ସାହସ କରିଲି ନାହିଁ, ଦୀର୍ଘ ୧୮ଦିନ ସେ ଯେ ନିଜ ଭିତରେ ଏତେ କଥା ଲୁଚାଇ ରଖିଥିଲା, ଛାଡି ଦେଲି, ତାର ଯାହା ଇଚ୍ଛା ସେ କରୁ। ଅପା-ଭାଇ ଦୂରରେ ଠିଆ ହୋଇଥାନ୍ତି, ମାନସୀ ଆମ୍ବୁଲାନ୍ସ ପାଖକୁ ଯାଇ ବୋଉର ବାସ୍ ମୁହଁଟିକୁ ଦେଖୁଥାଏ, ଆଖିରୁ ଅନବରତ ଲୁହ ଗଡି ଚାଲିଥାଏ, ମୋ ଆଡକୁ ବୁଲି ପଡି ହାତ ଯୋଡି କହିଲା ସୂର୍ଯ୍ୟ ସେମାନଙ୍କୁ କୁହ ପ୍ଲିଜ୍ ଆମ ବୋଉଙ୍କୁ ଆମକୁ ଦେଇ ଦେବେ, ତାଙ୍କ ନାତି ନାତୁଣୀ ଟିକେ ଦେଖିବେ, ସବୁବେଳେ ବୋଉଙ୍କ ମୁହଁରୁ ହାତ କାଚ ବଜ୍ର ହେଉର ଆଶିର୍ବାଦ ଶୁଣିଛି, ଆଜି ସେ କ'ଣ ଏମିତି ଧଳା କପଡା, ଦେହରେ ଗୁଡେଇ ହେଇଯିବେ! ବାପା ଟିକେ ତାଙ୍କୁ ଦେଖିବେନି? ମୁଁ ତାଙ୍କୁ ବୋହୂ ଭଳି ସଜାଇବିନି? ଏମିତି ବିଦାୟ ମୁଁ ବୋଉଙ୍କୁ ଦେଇ ପାରିବିନି । ମାନସୀ କଥା ଶୁଣିବାକୁ କାହାରି ଆଗ୍ରହ ନଥିଲା, ପିପିଇ କିଟ୍ ପିନ୍ଧା ଲୋକ ଜଣକ ମୋତେ ଆଖିରେ ଇଶାରା କରି କହିଲେ ମାନସୀଙ୍କୁ ଦୂରକୁ ନେବାଲାଗି। ମୁଁ ବି ବୋଉଙ୍କୁ ଥରେ କୋଳେଇ ଧରି କାନ୍ଦିବାର ଇଚ୍ଛା ଥିଲେ ବି ନାଚାର, ବାଧ ହୋଇ ବଳପୂର୍ବକ ମାନସୀକୁ ଟାଣି ଧରିଲି, ଆମ୍ବୁଲାନ୍ସର ଦ୍ୱାର ବନ୍ଦ ହେଇ ଆଗକୁ ବଢ଼ିଗଲା, ମୁଁ କିଛି କହିବି କି ନିଜକୁ ବୁଝେଇବି ଭାବି ପାରୁନଥିଲି। ସମସ୍ତେ ଘରକୁ ଫେରିଲୁ ମାନସୀ ଏମିତିରେ ବି ଖୁବ୍ କମ୍ କଥା କୁହନ୍ତି, ସେ ପୁରା ଚୁପ୍। ବାସ୍ ତାଙ୍କ ବୋହୂ ହେବାର କର୍ତ୍ତବ୍ୟ କରି ଚାଲିଥାଏ।

ଏମିତି ବେଳିକା ଖାଇବା, ବୋଉ ପାଇଁ ପତ୍ରରେ ଖୁବ୍ ଆଗ୍ରହ, ସ୍ନେହରେ ମାନସୀ ନିଜେ ବାଢ଼ି ବାହାରେ ଥୋଇ ଦୂରକୁ ଆସି ଅପେକ୍ଷା କରେ, କାଉଟେ କି ଗାଇଟେ ଆସି ସେତକ ଖାଇ ଦେଲେ ଯେମିତି ମାନସୀକୁ ଗୋଟେ ଆତ୍ମସନ୍ତୋଷ ମିଳୁଥିଲା। ମୁଁ ବି ଦୂରରୁ ବାସ୍ ତାଙ୍କୁ ଦେଖୁଥାଏ। ଆଜି ୧୨ ଦିନ ପୁରିଲା, କାଲି ମାଛ ହେବ, ସାନ ଭାଇ କୁନା ଆଉ ତା ସ୍ତ୍ରୀ ବେଶ୍ ଆଗ୍ରହରେ ରୋଷେୟାକୁ ବରାଦ କରୁଥିଲେ, ପାଟି ଅରୁଚି ହେଲାଣି ନନା କାଲି ଟିକେ ଆମ୍ବୁଲ ଦେଇ ଛୋଟ ମାଛ ଚୁଡଚୁଡା, ଆଉ ବଡ ମାଛ କାଲିଆଟେ କରିବ। ସେମାନେ ମୋ ଆଡେ ଚାହୁଁଥାନ୍ତି ଓ ଗୋଟେ ପରେ ଗୋଟେ ବରାଦ ବି କରୁଥାନ୍ତି, ମୁଣ୍ଡ-ଲାଞ୍ଜ ଦେଇ ଛେଁଚଡାଟେ କରିବା। ବେଶି ଲୋକ ନାହାନ୍ତି, କୋଭିଡ୍ ଭୟ, ବାସ୍ ପରିବାରର ଦଶ-ପନ୍ଦର ଜଣ, ନାନା ବି କହିଲେ ବଡ ବାବୁ କାଲି ମାଛ ଟିକେ ହବ, କାଲି ନଖାଇଲେ ବର୍ଷେ ଯାଏଁ ଆମିଷ ଖାଇପାରିବେନି। ମୁଁ ବି ମୁଣ୍ଡ ହଲାଇ ସନ୍ମତି ଦେଲି।

ହେଲେ ଏ କ'ଣ ଚୁପ୍ ରହୁଥିବା ମାନସୀ ପଛରୁ ଆସି ମୋତେ ସମ୍ବୋଧନ କରି କହିଲେ କ'ଣ ଭୁଲି ଯାଉଛ ବୋଉ ପରା ଆମିଷ ଖାଆନ୍ତିନି, ତମେ ଚାରି ବର୍ଷ ଆଗରୁ ମସ୍ତିଷ୍କ ଜ୍ୱରରେ ପଡିଥିଲ ବୋଲି, ସେ ପରା ମାନସିକ କରି ଆମିଷ ଛାଡିଥିଲେ। ଆଉ କାଲି କ'ଣ ବୋଉଙ୍କୁ ପତ୍ରରେ ଆମିଷ ବାଢ଼ିବି? ସେ ଆମ ଲାଗି ମଲାଯାଏଁ ଆମିଷ ଛାଡିଦେଲେ, ଆମେ କ'ଣ ଗୋଟେ ବର୍ଷ ଛାଡି ପାରିବାନି? କଥା ଟା ସତରେ ମୋ ପୁଅ ହେବା ଅହଂ ଉପରେ ଶକ୍ତ ଚାପୁଡାଟେ ପରି ଥିଲା । ସାନଭାଇ କହିଲା ଭାଉଜ ସାଧାରେ ଗୋଟେ ଯୋଡେ ଆଇଟମ୍ କରି ଦେବା, ତମେ ବ୍ୟସ୍ତ ହୁଅନା, ଆମେ ଆଉ ଏ ସାଧା ଖାଦ୍ୟ ଖାଇ ପାରିବୁନି। ମୁଁ ବୁଲି ପଡି ବଡ ଅପା ଆଡେ ଚାହିଁଲି, ଭାବିଲି ସେ ତ ଝିଅ, ସେ ନିଶ୍ଚେ ତା ଭାଉଜ କଥାରେ ଏକମତ ହେବ, ହେଲେ ଅପା କହିଲା ଆମେ ଆଉ କାହିଁ ରହିବୁ ଯେ, ଆମେ ଆମ ଘରକୁ ଚାଲି ଯାଉଛୁ ଆଜି କାଲି ବୁଧବାରଟା ଘରେ ଗଲେ ଟିକେ ପେଟ ପୁରେଇ ଖାଇବୁ ହେଲେ।

ଏତିକି ବେଳେ ମୋ ଫୋନ୍ଟି ବାଜି ଉଠିଲା, ମୋ ଶାଶୁଙ୍କ ଫୋନ୍ ଥିଲା, ଏକ ନିଶ୍ୱାସରେ କହିଗଲେ ଜ୍ୱାଇଁ ପୁଅ ତମ ଶଶୁର ଚାଲିଗଲେ, ମୋ ଝିଅକୁ ଧରି ଆସ। ଶ୍ୱଶୁର ବି ସେଇ କୋଭିଡ୍ରେ ଗଲେ, ଆମେ ଶେଷ ଦର୍ଶନ ବି କରି ପାରିଲୁନି, ଯାହା ଖବର ପାଇ ଜାଣିଲି ମାନସୀର ବାପା ଚାଲିଗଲେ। ମାନସୀ ତାଙ୍କ ଘରେ ସାନ, ଉପରେ ଦୁଇଭାଇ... ଫୋନ୍ ରଖି ବହୁତ ସାହସ କରି ମାନସୀ ପାଖକୁ ଯାଇ କହିଲି ଚାଲ ତମ ଘରକୁ ଯିବା, ସେ ବୁଝିଗଲା, କହିଲା କ'ଣ ବାପା ବି ଚାଲିଗଲେ? ମୁଁ ହଁ କହିଲି, ଭାବୁଥିଲି ସେ ବୋଧେ ଖୁବ୍ କାନ୍ଦିବ, ସାନ ଝିଅ ଭାରି ଗେହ୍ଲା, ହେଲେ ସେ ବସିପଡି କହିଲେ ସେଠି ବୋଉ ପାଖେ ଭାଇ-ଭାଉଜ ଅଛନ୍ତି, ଆଜି ପରା ରାତିରେ ପୁଷ୍କର ଛଡା ହେବାଲାଗି ପୂଜା ହେବ, ପୁଣି କାଲି ବୋଉଙ୍କୁ ୧୩ ପତ୍ର କିଏ ବାଢ଼ିବ? କାଲି ସଂଧ୍ୟାରେ ଯିବା କହି ସେ ଲାଗି ପଡିଲା ପୂଜାର ଜୋଗାଡ କରିବାରେ । ତା'ପରଦିନ ମାଛ ବାସ୍ନାରେ ଛାତ ଉପର ଫାଟି ପଡୁଥିଲା, ମୋ ଭଳି ମାନସୀ ବି ଖୁବ୍ ଆମିଷ ପ୍ରିୟ । ମୋତେ ଲାଗୁଥିଲା ସେ ତା ଦିଅର-ଯାଆଙ୍କ କଥା ଭାଙ୍ଗି ପାରିବନି। ହେଲେ ସେ ତ ମେସିନ୍ ଭଳି ପତ୍ର ଧରି ଛାତକୁ ଗଲା ରୋଷେୟା ନନାଙ୍କୁ କହିଲା ନନା ସାଧା ଆଗେ ବାଢ଼ିଦେଲେ ମୁଁ ବୋଉଙ୍କୁ ଦେଇଆସେ। ଆମେ ସବୁ ଚୁପ୍, ସେ ପତ୍ର ନେଇ ଯିବା ବେଳେ ସାନ ଭାଇର ସ୍ତ୍ରୀ ଗୋଟେ ଆମିଷ ଥାଳି ବାଢ଼ି ମାନି ପଛେ ପଛେ ଚାଲିଲା, କହିଲା ଅପା ଦୁଇଟା ପତ୍ର ବାଢ଼ ଆଜି, ତମେ ତ ଜାଣିଛ ବୋଉଙ୍କୁ ଛୋଟ ମାଛ ଆମ୍ବୁଲ ରାଇ କେତେ ପସନ୍ଦ। ତା'କଥା ରଖି ମାନସୀ ଦୁଇଟା ଯାକ ପତ୍ର ଥୋଇ ଘରଆଡେ ଆଗେଇଲା, ତା' ମୁହଁରେ କିଛି ବି ଭାବ ନଥିଲା ନା ବାପାଙ୍କୁ ହରାଇବାର କଷ୍ଟ, ନା ଏ ଆମିଷ-ନିରାମିଷର ଶୀତଳ ଯୁଦ୍ଧ। ସେ ଆସି ଖାଇବା ଲାଗି ସାଧା ପଟେ ବସିଲା, ପୁରା ଚୁପ୍- ମୁଁ ବି ଆରପଟୁ ଉଠି ଆସି ତା' ପାଖରେ ବସିଲି ତା' ହାତକୁ ଜୋର୍ରେ ଧରି ମନେ ମନେ କହୁଥିଲି "ବେଦନାର ତୀର ବିଦ୍ଧ ହୋଇ ମଧ୍ୟ ରକ୍ତ ଝରାଇବାକୁ ମନା ତୁମକୁ, ଦୁହିତା ଦୁଇକୁଳ କୁ ହୀତା ରୁପକ ତାଜମହଲର ମମତାଜ ସାଜିବାକୁ ମନା ତୁମକୁ".... ଆଉ ବାପା ବି ସେପଟ ଧାଡିରୁ ଉଠି ଆସି ମାନସୀ ପାଖରେ ବସି କହିଲେ ବର୍ଷେ ଆମିଷ ନଖାଇଲେ ଚଳିବ।

ସତରେ ଆଜି ଅନୁଭବ କଲି ଝିଅ ହୋଇ ଜନ୍ମ ହେବା ଆଉ ଦୁଇକୁଳକୁ ବାନ୍ଧି ରଖିବା ଆମ ପୁରୁଷ ଜାତି ଲାଗି ଅସମ୍ଭବ ପ୍ରାୟ.....ସତରେ ଝିଅଟିଏ "ଦୁହିତା"।

**ଅନାମିକା ଦାସ**, ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ- ୭୦୦୮୩୯୬୬୫୪
Mail ID : anamikaorissa91@gmail.com

# ପଡ଼ୋଶୀ ରାଜ୍ୟକୁ କମିଛି ଓଡ଼ିଆ ପାଠ୍ୟ ପୁସ୍ତକ ଯୋଗାଣ



ଓଡ଼ିଶା ଓ ଏହାର ସୀମାବର୍ତ୍ତୀ ଚାରି ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ନେଇ ସୀମା ବିବାଦ ଲାଗିଥିବାବେଳେ ଏହାର ସମାଧାନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। କୋଟିଆ ପ୍ରସଙ୍ଗକୁ ନେଇ ଆନ୍ଧ୍ର-ଓଡ଼ିଶା ବିବାଦ ସୁପ୍ରିମ କୋର୍ଟରେ ବିଚାରାଧୀନ ଥିବାବେଳେ ଅନ୍ୟ ତିନି ରାଜ୍ୟ ମଧ୍ୟରେ ଲାଗିଥିବା ବିବାଦକୁ ପ୍ରଶାସନିକ ସ୍ତରରେ ସମାଧାନ ପାଇଁ ସୀମାବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିବାଦ ଲାଗିଥିବା ସୀମାବର୍ତ୍ତୀ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଭିତ୍ତିଭୂମିକୁ ସୁଦୃଢ଼ କରି ଗୁଣାତ୍ମକ ସୁବିଧାସୁଯୋଗ ଯୋଗାଇ ଦେବାରେ ସରକାର ପଛଘୁଞ୍ଚା ଦେଉନାହାନ୍ତି। ଶିକ୍ଷାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବା ସହ ରାଜ୍ୟ ସରକାର କୋଟିଆରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ସରକାରଙ୍କ ପ୍ରମୁଖ ଉଦ୍ଦେଶ୍ୟ ଶିକ୍ଷା ବ୍ୟବସ୍ଥାକୁ ସଂଗଠିତ କରି ବିବାଦ ବନ୍ଦ କରିବା। ଓଡ଼ିଶା ଛାତ୍ରଛାତ୍ରୀ ପଡ଼ୋଶୀ ରାଜ୍ୟ ଅପେକ୍ଷା ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରତି ଅଧିକ ଆଗ୍ରହୀ ହେବେ। ହେଲେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏ କ୍ଷେତ୍ରରେ ଅପେକ୍ଷାକୃତ ହ୍ରାସ ପାଉଥିବା ରାଜ୍ୟ ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟର ବିଗତ ପାଞ୍ଚ ବର୍ଷର ତଥ୍ୟ ଦର୍ଶାଉଛି।

ଓଡ଼ିଶାର ସୀମାବର୍ତ୍ତୀ ରାଜ୍ୟ ଏବଂ ଅଧିକାଂଶ ପ୍ରବାସୀ ଓଡ଼ିଆ ରହୁଥିବା ଗୁଜୁରାଟ ଭଳି କିଛି ରାଜ୍ୟରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଓଡ଼ିଶା ସରକାର ବ୍ୟବସ୍ଥା କରିଛନ୍ତି। ଉକ୍ତ ରାଜ୍ୟ ସହିତ ରାଜିନାମା କରି ସେଠାରେ ଓଡ଼ିଆ ସ୍କୁଲ ଖୋଲିଛନ୍ତି। ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟ ପୁସ୍ତକ ଯୋଗାଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧାସୁଯୋଗ ମଧ୍ୟ ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି। ସେହିପରି ସୀମାବର୍ତ୍ତୀ ରାଜ୍ୟ ଗୁଡ଼ିକ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଛି। ଉଭୟ ପଡ଼ୋଶୀ ରାଜ୍ୟ ପରସ୍ପରର ଭାଷା ଓ ସଂସ୍କୃତିକୁ ସମ୍ମାନ ଦେବା ସହିତ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଉଭୟ ଭାଷାଭାଷୀ ପାଠପଢ଼ାର ବ୍ୟବସ୍ଥା କରିବାର ପ୍ରାବଧାନ ରହିଛି। ଯେପରିକି ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଉଭୟ ତେଲୁଗୁ ଏବଂ ଓଡ଼ିଆ ଭାଷାରେ ପାଠ ପଢ଼ାଯିବାର ବ୍ୟବସ୍ଥା ହୋଇଛି। ଏହି କ୍ରମରେ ଓଡ଼ିଶା ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟ ପ୍ରତି ବର୍ଷ ପଡ଼ୋଶୀ ରାଜ୍ୟ ଗୁଡ଼ିକୁ ଓଡ଼ିଆ ପିଲାଙ୍କ ଆବଶ୍ୟକତା ଅନୁଯାୟୀ ପାଠ୍ୟପୁସ୍ତକ ଯୋଗାଇ ଦିଅନ୍ତି। ବିଗତ ପାଞ୍ଚ ବର୍ଷର ତଥ୍ୟ କହୁଛି ୨୦୧୭-୧୮ ଶିକ୍ଷା ବର୍ଷ ତୁଳନାରେ ଚଳିତ ବର୍ଷେ ୨୫ ପ୍ରତିଶତ ବହି ଯୋଗାଣ ୨୧୫ ଖଣ୍ଡ ଓ ପଶ୍ଚିମବଙ୍ଗକୁ ୨୪,୯୫୦ ଖଣ୍ଡ ବହି ପଠାଯାଇ ଥିବାବେଳେ ଚଳିତ ବର୍ଷରେ ୯୨୮୫ ଖଣ୍ଡ ବହି ଆନ୍ଧ୍ର ଏବଂ ୧୨୨୦୪ ଖଣ୍ଡ ବହି ପଶ୍ଚିମବଙ୍ଗ ପଠାଯାଇଛି। ଯଦିଓ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଏହି ସଂଖ୍ୟା ବୃଦ୍ଧି ପାଇଛି, ହେଲେ ଗୁଜୁରାଟରେ ଏହା ୨୪୯୫୦ରୁ ୧୪୧୭୦କୁ ଖସିଛି। ଯାହାକି ପଡ଼ୋଶୀ ରାଜ୍ୟରେ ଓଡ଼ିଆ ପଢ଼ା ପ୍ରତି ଛାତ୍ରଛାତ୍ରୀଙ୍କର କମୁଥିବା ଆଗ୍ରହକୁ ଦର୍ଶାଉଛି। ତେବେ ଏ ସମ୍ପର୍କରେ ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପଡ଼ୋଶୀ ରାଜ୍ୟରେ ବହିର ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାର ବହି ଯୋଗାଇଥାନ୍ତି। ଏଥିପାଇଁ ପୂର୍ବରୁ ଆବଶ୍ୟକତା ସୂଚୀ ଆସିଥାଏ। କରୋନା ପାଇଁ ବିଗତ ଦୁଇ ବର୍ଷ ହେବ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ଶିକ୍ଷାନୁଷ୍ଠାନ ଖୋଲିନି। ତେଣୁ ପଡ଼ୋଶୀ ରାଜ୍ୟରେ ବହିର ଆବଶ୍ୟକତା କମିଛି। ପ୍ରବାସୀ ତଥା ସୀମାବର୍ତ୍ତୀ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ସବୁବେଳେ ଆବଶ୍ୟକତା ଠାରୁ ଅଧିକ ବହି ଯୋଗାଇ ଦେଉଥିବା ସେ କହିଛନ୍ତି। ଉତ୍କଳ ସମ୍ମିଳନୀ ଏ ଦିଗରେ ବିଶେଷ ଗୁରୁତ୍ୱ ଦେଉଛି। ୨୦୧୯-୨୦ ପଡ଼ୋଶୀ ରାଜ୍ୟ ମାନଙ୍କୁ ପାଖାପାଖି ୧ଲକ୍ଷ ୧୦ ହଜାର ବହି ପଠାଯାଇଥିଲା। ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷାର ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ସେ କହିଛନ୍ତି। ଓଡ଼ିଶା ସରକାର ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷାର ଶିକ୍ଷା ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା, ପ୍ରୋତ୍ସାହନ ଦେଉଛନ୍ତି। ଓଡ଼ିଆ ଭାଷାକୁ ସାର୍ବଜନୀନ କରିବା ପାଇଁ ପୁସ୍ତକ ପଠାଇବା ସହ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦରମା ଓ ଭତ୍ତା ମଧ୍ୟ ପ୍ରଦାନ କରୁଛନ୍ତି। ତେବେ ଏ କ୍ଷେତ୍ରରେ କେବଳ ସରକାରଙ୍କ ସହାୟତାକୁ ଚାହିଁଲେ ହେବନାହିଁ ଆମ ମାତୃଭାଷାର ଗୌରବ ବଢ଼ାଇବା ପାଇଁ ଆମ ସମସ୍ତଙ୍କର ସଚେତନତା ଓ ସର୍ବୋପରି ନିଜ ମାତୃଭାଷା ଓ ନିଜ ରାଜ୍ୟକୁ ଭଲ ପାଇବା ପାଇଁ ଆନ୍ତରିକତା ଅତ୍ୟନ୍ତ ଜରୁରୀ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ: ୭୪୮୮୯୯୮୫୩୨, E-mail : badal009bhuyan@gmail.com

# କେନ୍ଦ୍ରାପଡା କଲେଜ ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ଓଡିଶା ରସାୟନ ସମାଜର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡା କଲେଜ ସମ୍ମିଳନୀ କକ୍ଷରେ ସାଂପ୍ରତିକ ରସାୟନିକ ଗବେଷଣାର ନବ ଦିଗନ୍ତ ଶୀର୍ଷକ ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସଂପାନକୁ ଓଡିଶା ରସାୟନ ସମାଜର ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି ଉଦଘାଟନ କରିଥିଲେ। କେନ୍ଦ୍ରାପଡା କଲେଜ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଐତିହ୍ୟ ଓ କୃତିତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଉପାଧକ୍ଷ ଗୋପାଳ ଚନ୍ଦ୍ର ବେହେରା। ଏହି ସଂପାନରେ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ ବିଭାଗୀୟ ମୁଖ୍ୟ ଡଃ. ଦେବେନ୍ଦ୍ର ନାଥ ଗୋଛାୟତ। ମୁଖ୍ୟ ଅତିଥି ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ବର୍ତ୍ତମାନର ଓଡିଶା ଉଚ୍ଚଶିକ୍ଷା ପରିଷଦର ଉପାଧକ୍ଷ ଅଶୋକ କୁମାର ଦାସ ସ୍ମରଣିକା ଉନ୍ମୋଚନ ପୂର୍ବକ ରସାୟନ ବିଭାଗର ଅବଦାନ ସମ୍ପର୍କରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱ ବିଦ୍ୟାଳୟର ରସାୟନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ସତ୍ୟବାନ ଜେନା ରସାୟନ ବିଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଭାବରେ ଏହାର ଭୂମିକା ଓ ସବୁ କ୍ଷେତ୍ରରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିଲେ। କୃଷି ରସାୟନ, ଔଷଧ, ପ୍ରାଣୀ ସମ୍ବନ୍ଧୀୟ ରସାୟନ, ବାୟୋ କେମେଷ୍ଟ୍ରି ଓ ସବୁଜ ରସାୟନ ପ୍ରଭୃତି ସାମ୍ପ୍ରତିକ ସମାଜରେ ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଯେଉଁମାନେ ସାହସର ସହିତ ଗବେଷଣା କରିଛନ୍ତି ସମସ୍ତେ ସଫଳ ହୋଇଛନ୍ତି ଏବଂ ଚାକିରୀ ସେମାନଙ୍କ ପଛରେ ଗୋଡାଇଛି। ଆମର ଯଥେଷ୍ଟ ନିଯୁକ୍ତି ସୁଯୋଗ ରହିଛି କିନ୍ତୁ ଉପଯୁକ୍ତ ପ୍ରାର୍ଥୀଙ୍କର ଅଭାବ ପରିଲକ୍ଷିତ ହେଉଛି। ସଂପାନର ସମ୍ପାଦକ ଡଃ. ପ୍ରମୋଦ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗର ଅନ୍ୟତମ ଅଧ୍ୟାପକ ଡଃ. ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଂପାନକୁ ପରିଚାଳନା କରିଥିଲେ ଅଧ୍ୟାପିକା ନିରୁପମା ପରିଡା ଏବଂ ଅଧ୍ୟାପକ ବିନ୍ଦୁ ସାଗର ସାହୁ । ସଭାକୁ ସଂଚାଳନା କରିଥିଲେ ଅଧ୍ୟାପିକା ସସ୍ମିତା ସାହୁ ଏବଂ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ବସୁନ୍ଧରା, ଶ୍ରାବଣୀ ଓ ପ୍ରଜ୍ଞା। ସଂପାନର ଦ୍ୱିତୀୟ ଅଧିବେଶନରେ ଅଧକ୍ଷତା କରିଥିଲେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ରସାୟନ ବିଭାଗର ପ୍ରାକ୍ତନ ମୁଖ୍ୟ ଚନ୍ଦ୍ର ଶେଖର ପଣ୍ଡା ଏବଂ ସଂପାନର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ ଆଇ.ଆଇ.ଟି. ମାଡ୍ରାସର ପ୍ରଫେସର ଅଶୋକ କୁମାର ମିଶ୍ର ଏବଂ ନାଇଜର ଭୁବନେଶ୍ୱରର ପ୍ରଫେସର ଚନ୍ଦ୍ର ଶେଖର ପୁରୋହିତ। ତତ୍ ପରବର୍ତ୍ତୀ ସଂପାନରେ ଅଧକ୍ଷତା କରିଥିଲେ ପ୍ରଫେସର ଆଶୁତୋଷ ସାମନ୍ତରାୟ ଓ ପ୍ରଫେସର ଶରତ ଚନ୍ଦ୍ର ଦାସ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ ଝାଡଖଣ୍ଡ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅରୁଣ କୁମାର ପାଢୀ, ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଜୟଦେବ ବିନ୍ଧା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅଜୟ କୁମାର ବେହେରା, ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଡଃ. ସୀତାରାମ ମହାପାତ୍ର ଓ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଡଃ. ସତ୍ୟ ନାରାୟଣ ସାହୁ ପ୍ରମୁଖ। ଏହି ସଂପାନକୁ ପରିଚାଳନା କରିଥିଲେ ନିର୍ମଳ କୁମାର ମହାପାତ୍ର, ପ୍ରଦୀପ ସାହୁ, ରଞ୍ଜିତ କୁମାର ଦାସ, ଅଶୋକ କୁମାର ଦାସ, ଡଃ. ଜ୍ଞାନୀନ୍ଦ୍ର ଦାଶ,ପ୍ରାଧାପକ ତପନ କୁମାର ପତି। ଏହି ସଂପାନରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା, ଡଃ. ସେକ ସମସୁର, କୈଳାସ ଚନ୍ଦ୍ର ବରାଳ, ବିନ୍ଦୁମିତ୍ର ବଳ, ତୁଳସୀ ମହିଳା କଲେଜର ପ୍ରାକ୍ତନ ଅଧକ୍ଷ ଅଜୟ ସାମଲଙ୍କ ସମେତ ବହୁ ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଜନଶୁଣାଣୀ ପ୍ରହସନ : ଟାଟା କମ୍ପାନୀର ପ୍ରତାରଣା ଇସ୍ପାତ ଠାରୁ ମଜଭୁତ

ଚମ୍ପୁଆ,(ପି.ଏନ): କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଯୋଡା ଖଣି ମଣ୍ଡଳରେ ଦୀର୍ଘ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ଲୌହ ଓ ମାଙ୍ଗାନିଜ ଖଣିରୁ ଲକ୍ଷ ଲକ୍ଷ ଟନ ଖଣିଜ ସମ୍ପଦ ଉତୋଳନ କରି କମ୍ପାନୀ ତାର ନିଜସ୍ୱ କାରଖାନାକୁ କଂଚା ମାଲ୍ ପ୍ରେରଣ କରିଆସୁଛି । ଯୋଡା ଖଣି ମଣ୍ଡଳରେ କମ୍ପାନୀର ୧୦ରୁ ଉର୍ଦ୍ଧ୍ୱ ଖଣି ରହିଥିବା ବେଳେ ଖଣି ପ୍ରଭାବିତ ଅଂଚଳବାସୀଙ୍କ ନିମନ୍ତେ ନିଯୁକ୍ତି କ୍ଷେତ୍ରରେ ଏହି କମ୍ପାନୀ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଭଳି ମୌଳିକ ସୁବିଧା ମଧ୍ୟ ଯୋଗାଇଦେବାରେ କମ୍ପାନୀର କାଳକ୍ଷେପଣ ନୀତି ଜନସାଧାରଣଙ୍କୁ ଅତିଷ୍ଠ କରିଛି । ବିଭିନ୍ନ ଜନଶୁଣାଣୀ ସମୟରେ କମ୍ପାନୀ ଦେଉଥିବା ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଆସୁଥିବା ବେଳେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି । ତେବେ ଏହାରି ଭିତରେ କମ୍ପାନୀ ଚଂଚକତା କରି ତାର ଜନଶୁଣାଣୀ ଗୁଡିକୁ ଗୋଟିଏ ପରେ ଗୋଟିଏ ସଫଳ କରିବାରେ ଲାଗିଛି । ଟାଟା କମ୍ପାନୀଙ୍କ ପାଇଁ ସର୍ବସାଧାରଣଙ୍କ ଏହି ଜନଶୁଣାଣୀ ଏବେ ଏକ ପ୍ରହସନ ପାଲଟିଛି । ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସି କରି ଜନସାଧାରଣଙ୍କ ସ୍ୱରକୁ ଚପାଇଦେବାରେ କମ୍ପାନୀ ସାମର୍ଥ ହୋଇପାରୁଛି । ପୁଲିସ ଓ କମ୍ପାନୀ ସୁରକ୍ଷା କର୍ମୀଙ୍କ ଛାଉଣୀ ମଧ୍ୟରେ କମ୍ପାନୀର ଖଣି ପରିସରରେ ଏହି ଜନଶୁଣାଣୀ ଅନୁଷ୍ଠିତ ହେଉଥିବା ବେଳେ ବିରୋଧ କରିବା ପାଇଁ ଚାହୁଁଥିବା ବ୍ୟକ୍ତିଙ୍କୁ ସଭା ସ୍ଥଳକୁ ଯିବା ପାଇଁ ବଳ ପୂର୍ବକ ଅଟକାଇ ରଖାଯାଇଥାଏ । ବିଭିନ୍ନ ଅଂଚଳରେ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏହି ଜନଶୁଣାଣୀ ଅନୁଷ୍ଠିତ କରାଯାଉଛି । ପୂର୍ବ ପ୍ରସ୍ତୁତ ମୁତାବକ ନିର୍ଦ୍ଦିଷ୍ଟ ଲୋକଙ୍କୁ କେବଳ କମ୍ପାନୀ ସପକ୍ଷରେ କହିବାର ସୁଯୋଗ ଦିଆଯାଉଥିବା ଅଭିଯୋଗ ହେଉଛି । ଏହି ଜନଶୁଣାଣୀ ସମୟରେ କମ୍ପାନୀ ଅଧିକାରୀମାନେ ଆଖପାଖ ଗ୍ରାମରେ ଡେରା ପକାଇ ମିଥ୍ୟା ପ୍ରତିଶ୍ରୁତିର ପାହାଡରେ ଗ୍ରାମବାସୀଙ୍କୁ ପୋତି ପକାଇଥାନ୍ତି । କମ୍ପାନୀ ଅତି ଚତୁରତାର ସହିତ କିଛି ମୁଷ୍ଟିମେୟ ରାଜନେତାଙ୍କୁ ହାତ କରି ପ୍ରଶାସନିକ ସହାୟତାରେ ଏହି ଜନଶୁଣାଣୀକୁ ସଫଳ କରିନେଇଥାଏ । ରାତି ଅଧିଆ ସ୍ୱତନ୍ତ୍ର ଗାଡି ମାଧ୍ୟମରେ ଜନଶୁଣାଣୀର ପୂର୍ବ ଦିନ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସ୍ଥାନାନ୍ତରିତ କରି ଆବଦ୍ଧ କୋଠରୀରେ ମଦ ମାଂସରେ ଆପ୍ୟାୟିତ କରି ଜନସଭାକୁ ସଫଳ କରିନିଆଯାଇଥାଏ । ଏହାପରେ ମଧ୍ୟ ଯେଉଁମାନେ ବିରୋଧର ସ୍ୱର ଉତୋଳନ କରନ୍ତି ପୁଲିସ ଲଗାଇ ସେମାନଙ୍କୁ ରାତି ଅଧିଆ ଉଠାଇନେଇ ତାଙ୍କ ନାମରେ ମିଥ୍ୟା ମାମଲା ଖଞ୍ଜି ଦିଆଯାଉଥିବା କହିଛନ୍ତି ସ୍ଥାନୀୟ ଲୋକ ।ଗତ ଜୁଲାଇ ମାସ ୨୯ ତାରିଖରେ ବଡବିଲ ତହସିଲ ଅନ୍ତର୍ଗତ ଗୁରୁଡା, ପଳସା (ଖ), ଜରିବାହାଲ ଏବଂ ଖଣ୍ଡବନ୍ଧ ଗ୍ରାମରେ ଅବସ୍ଥିତ ତିରିଙ୍ଗ ପାହାଡ ଲୌହ ଓ ମାଙ୍ଗାନିଜ ଖଣିର ସମ୍ପ୍ରସାରଣଜନିତ ସର୍ବସାଧାରଣ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଏହି ଜନଶୁଣାଣୀଟି ଖଣି ଲିଜ୍ ଅଂଚଳରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୧୩ ପ୍ଲାଟୁନ ପୁଲିସ ବଳ ନିୟୋଜିତ କରାଯାଇଥିବା ଦେଖିବାକୁ ମିଳିଥିଲା । ଜନସାଧାରଣଙ୍କୁ ଭୟଭୀତ କରି ଏହି ଜନଶୁଣାଣୀ ସଫଳ ହୋଇଥିବା ଘୋଷଣା କରାଯାଇଥିଲା । ସେହିପରି ଅଗଷ୍ଟ ୪ ତାରିଖରେ ବାମେବାରୀ ଲୌହ ଓ ମାଙ୍ଗାନିଜ ଖଣିର ସମ୍ପ୍ରସାରଣଜନିତ ସର୍ବସାଧାରଣ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଏହି ଜନଶୁଣାଣୀଟି ପଳସା (ଖ) କମ୍ପାନୀର ଖଣି ଲିଜ୍ ଅଂଚଳରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମଧ୍ୟ ଅନୁରୂପ କମ୍ପାନୀ ଜନସାଧାରଣଙ୍କୁ ଭୟଭୀତ କରାଇ ରାସ୍ତା ସାରା ପୁଲିସ ଛାଉଣୀ ମଧ୍ୟରେ ସ୍ୱତନ୍ତ୍ର ଭାବେ ନିଜ ସପକ୍ଷବାଦୀଙ୍କୁ ନେଇ ଏହି ଜନଶୁଣାଣୀକୁ ସଫଳ କରାଇଥିବା ଦେଖିବାକୁ ମିଳିଥିଲା । ତେବେ ଚଳିତ ମାସ ୧୦ ତାରିଖରେ ବଡବିଲ ତହସିଲ ତଥା ଯୋଡା ପୌରପାଳିକା ଅନ୍ତର୍ଗତ ବିଛାକୁଣ୍ଡି ମୌଜାରେ ପଶ୍ଚିମ ଯୋଡା ଲୌହ ଓ ମାଙ୍ଗାନିଜ ଖଣିର ସମ୍ପ୍ରସାରଣଜନୀତ ଜନଶୁଣାଣୀ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ କମାରଯୋଡା, ବାଂଶପାଣି, ଭୂୟାଁରୋଇଡା, ବିଛାକୁଣ୍ଡି ପ୍ରଭୃତି ପ୍ରଭାବିତ ଗ୍ରାମ ରହିଥିବା ବେଳେ ଏହି ଜନଶୁଣାଣୀକୁ ସଫଳ କରିବା ପାଇଁ କମ୍ପାନୀ ତାର ପ୍ରସ୍ତୁତି ପର୍ବ ଆରମ୍ଭ କରିଦେଇଛି ।

# ବେଗୁନିଆରେ ବ୍ଲକ ଅଧ୍ୟକ୍ଷ ପଦବୀର ବିଜୟକୁ ନେଇ ତୁମୁଳକାଣ୍ଡ, ଗାଡି ଭଙ୍ଗାରୁଜା ଘଟଣାରେ ୨ କୋର୍ଟ ଚାଲାଣ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକରେ ଗତ ଶନିବାର ଦିନ ଅପରାହ୍ନରେ ବ୍ଲକ ଅଧ୍ୟକ୍ଷ ପଦବୀର ବିଜୟ ଘୋଷିତ ହେବା ପୂର୍ବରୁ ପରାଜିତ ପ୍ରାର୍ଥୀଙ୍କର ସମର୍ଥକମାନେ ଏକତ୍ରିତ ହୋଇ କାର୍ଯ୍ୟାଳୟର ପରିସରରେ ତିନୋଟି ଗାଡିକୁ ଭାଙ୍ଗିରୁଜି ଚୁରମାର କରିଦେଇଥିଲେ। ତତ୍ ସହିତ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷଙ୍କୁ ସମର୍ଥନ କରିଥିବା ସମିତି ସଭ୍ୟଙ୍କୁ ବେଗୁନିଆ ପଂଚାୟତର ନବ ନିର୍ବାଚିତ ସରପଂଚ ସତ୍ୟ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ସହଯୋଗୀମାନେ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ହାତରେ ମାରଣାସ୍ତ୍ର ଧରି ଜୀବନରେ ମାରିଦେବାକୁ ଧମକ ଦେଇ ବ୍ଲକ କାର୍ଯ୍ୟାଳୟ ଭିତରେ ଧସେଇ ପଶିଥିଲେ । ଏପରିକି ମଧ୍ୟ ଦେଉଳି ପଂଚାୟତର ସମିତି ସଭ୍ୟଙ୍କ ଲୁଗାପଟା ଟଣାଓଟରା କରି ଭ୍ୟାନିଟ ବ୍ୟାଗ ଛଡାଇ ୪ ହଜାର ୫ ଶହ ଟଙ୍କା ସହ ଅତ୍ୟାବଶ୍ୟକ କାଗଜାତ ଓ ସୁନା ଚେନ ଛଡାଇ ନେଇଥିବା ବେଳେ ବୋତଲମା ପଂଚାୟତ ସମିତି ସଭ୍ୟ ଭରତ ଚନ୍ଦ୍ର ଛୋଟରାୟଙ୍କୁ ଘୋଷାରି ଆଣି ନିର୍ଦ୍ଧୁମ ଛେଚି ପକାଇଥିଲେ । ଏହି ବ୍ଲକ ଅଧ୍ୟକ୍ଷ ପଦବୀ ନିର୍ବାଚନ ସମୟରେ ସାଧାରଣ ଜନତା ମଧ୍ୟ ଏମାନଙ୍କର ଆକ୍ରୋଶର ଶିକାର ହୋଇ ଥିଲେ ମଧ୍ୟ ଅଳ୍ପ ସଂଖ୍ୟକ ପୋଲିସ ନିୟୋଜନ ହୋଇଥିବାରୁ ସେମାନଙ୍କୁ କାବୁ କରିବାକୁ ଅକ୍ଷମ ହୋଇ ନିରୂପାୟ ଶୂନ୍ୟ ହୋଇଯାଇଥିଲେ । ଏହି ତୁମୁଳ କାଣ୍ଡରେ ଓଆର ୦୨ ଏଜେ ୦୩୪୫,ଓଡି ୦୨ଟି୦୦୧୬ ନମ୍ବର ବିଶିଷ୍ଟ ଇନୋଭା ଗାଡି ଏବଂ ଓଡି ୦୨ଏଚ୮୫୬୮ ନମ୍ବର ବିଶିଷ୍ଟ କ୍ରିଷ୍ଟା ଗାଡିଗୁଡିକୁ ଭାଙ୍ଗି ଦେଇଥିଲେ । ପରେ ଏ ନେଇ ବେଗୁନିଆ ଥାନାରେ ସମ୍ବିତ କୁମାର ମହାଭୋଇଙ୍କ ଅଭିଯୋଗକ୍ରମେ ୧୦୦ ଜଣଙ୍କ ମଧ୍ୟରୁ ପୋଲିସ ପକ୍ଷରୁ ବେଗୁନିଆର ନବନିର୍ବାଚିତ ସରପଂଚ ସତ୍ୟନାରାୟଣ ପ୍ରଧାନ ଓ ସୁରେନ୍ଦ୍ର କୁମାର ପାଲଟାସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିରେ ସଂଗ୍ରାମ କିଶୋର ବଳିୟାରସିଂହ, ରଣଜିତ ସିଂହ, ଅଚ୍ୟୁତ ବରାଡ, କସ୍ତୁରୀ ଜୟସିଂହ, ମୀରମେହଫୁଜ ଅଲ୍ଲୀ, ସୁନିଲ ବଳିୟାରସିଂହ, ବିଜୟାନନ୍ଦ ମହାପାତ୍ର, ବିଶ୍ୱଭୂଷଣ ବଳିୟାରସିଂହ, ନିବାସ ପଣ୍ଡା, ଧିରେନ ସାହୁ, କୈଳାସ ସାହୁ, ପ୍ରଭାତ କୁମାର ସାହୁ, ଏସକେ ଚାନ୍ଦ, ଅନଜାର ଖାନ ଓ ଅନସୁର ଅଲ୍ଲୀ ଖାନଙ୍କ ସମେତ ଅନ୍ୟ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିବାର ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥିଙ୍କଠାରୁ ପ୍ରକାଶ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଅଗଷ୍ଟ ୧୦

# ମଶା ଓ ଡେଙ୍ଗୁ : ବଢୁଛି ଆକ୍ରାନ୍ତ ଅଞ୍ଚଳ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ରାଜ୍ୟରେ ଦିନକୁ ଦିନ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ ଅଗଷ୍ଟ ୬ ସୁଦ୍ଧା ରାଜ୍ୟରେ ୧୨୩୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ସର୍ବାଧିକ ଭାବେ ଖୋର୍ଦ୍ଧା ଜିଲ୍ଲାରୁ ୭୫୫, କଟକରୁ ୬୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ଯାବତ୍ ବୌଦ୍ଧ, ମାଲକାନାଗିରି, ଦେବଗଡ଼, ନବରଙ୍ଗପୁର, ସମ୍ବଲପୁର ଓ ସୁବର୍ଣ୍ଣପୁରରୁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାଁନ୍ତି। ଗତ ବର୍ଷ ଏହି ସମୟ ଭିତରେ ୧୦୭୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ୧୩୬ ଜଣ। ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ ୪ଟି ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିଛି। ମଶା ଅନେକ ରୋଗର ମୂଳ କାରଣ। ବିଭିନ୍ନ ଡାକ୍ତରୀ ତଥ୍ୟକୁ ଆଧାର କଲେ ଜଣାଯାଏ ଯେ, ବିଶ୍ୱରେ ପ୍ରତିବର୍ଷ ୧ ମିଲିୟନ ଲୋକ ବିଭିନ୍ନ ମଶାବାହିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଆମ ଦେଶରେ ମଶାବାହିତ ରୋଗ ବିଭିନ୍ନ ସମୟରେ ଲୋକଙ୍କ ପାଇଁ କାଳ ସାଜୁଛି। ବିଶେଷକରି ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ ଭଳି ରୋଗ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରୁଛି। ମଶା ବଂଶ ବୃଦ୍ଧି ଘଟିବା ଫଳରେ ମଶାବାହିତ ରୋଗର ଉପଦ୍ରବ ମଧ୍ୟ ବଢ଼ିବାରେ ଲାଗିଛି। ମଶା ପାଇଁ ଅନେକ ରୋଗ ବ୍ୟାପିଥାଏ। ମୁଖ୍ୟତଃ ମାଇ ଏନୋଫିଲିସ୍ ମଶା ମ୍ୟାଲେରିଆ ରୋଗ, ଏଡ଼ିସ ମଶା ଡେଙ୍ଗୁ ଓ କ୍ୟୁଲେକ୍ସ ମଶା ଫାଇଲେରିଆ ରୋଗର ବାହକ ଅଟନ୍ତି। ମ୍ୟାଲେରିଆ ଏକ ମଶାବାହିତ ରୋଗ। ସାଧାରଣତଃ ୪ ପ୍ରକାର ମ୍ୟାଲେରିଆ (ଫାଲସିଫାରମ ମ୍ୟାଲେରିଆ, ଫାଲସିଫାରମ ଭାଇଭାକ୍ସ, ପ୍ଲାଜମୋଡ଼ିୟମ ମ୍ୟାଲେରିଆ ଓ ପ୍ଲାଜମୋଡ଼ିୟମ ଓଭାଲ ମ୍ୟାଲେରିଆ) ରହିଛି। ଓଡ଼ିଶାରେ ଫାଲସିଫାରମ ମ୍ୟାଲେରିଆ ଅଧିକ ମାରାତ୍ମକ ସାବ୍ୟସ୍ତ ହେଉଛି। ଏହାକୁ କର୍ମ୍ପ୍ଲିକେଟେଡ ମ୍ୟାଲେରିଆ ବୋଲି କୁହାଯାଏ। ଏଥିରେ ଆକ୍ରାନ୍ତଙ୍କ ମଧ୍ୟରୁ ଶତକଡ଼ା ୩୦ ପ୍ରତିଶତ ରୋଗୀ ମୃତ୍ୟୁବରଣ କରିଥାନ୍ତି। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି, ମାତ୍ର ପ୍ରଭାବିତ ଅଞ୍ଚଳ ବଢୁଛି। ଅର୍ଥାତ୍ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଡେଙ୍ଗୁ ରୋଗୀ ବାହାରୁଥିଲେ। ମାତ୍ର ଏବେ ରୋଗୀଙ୍କ ସଂଖ୍ୟା କମୁଛି, ହେଲେ ବିଭିନ୍ନ ଅଞ୍ଚଳରୁ ଖେଳେଇ ହୋଇ ରୋଗୀ ମେଡ଼ିକାଲକୁ ଆସୁଛନ୍ତି। ସମଗ୍ର ବିଶ୍ୱରେ ୧୨୮ଟି ଦେଶ ଡେଙ୍ଗୁ ପ୍ରବଣ। ୨୦୨୧ ମସିହାରେ ବିଶ୍ୱରେ ୩୯୭ ମିଲିୟନ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ସୂଚନାଥାଉକି ଡେଙ୍ଗୁ ରୋଗୀ ସଂଖ୍ୟାରେ ଗତବର୍ଷ ଓଡ଼ିଶା ଭାରତରେ ଦ୍ୱିତୀୟ ସ୍ଥାନରେ ରହିଛି। ଫାଇଲେରିଆ ରୋଗକୁ ସମୂଳେ ବିନାଶ କରିବା ପାଇଁ ସରକାର ମାସ ଡ୍ରଗ୍ ଆଡ଼ମିନିଷ୍ଟ୍ରେସନ ବ୍ୟବସ୍ଥା କରିଥିଲେ। ଅର୍ଥାତ୍ ଫାଇଲେରିଆ ରୋଗର ନିରାକରଣ ପାଇଁ ଚଳାଇଥିବା ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ମଧ୍ୟ ଚାଲୁରହିଛି। ସାମୁଦ୍ରିକ ଜଳବାୟୁ ଫାଇଲେରିଆ ରୋଗ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ରାଜ୍ୟର ପୁରୀ, ଗୋପାଳପୁର ଓ ଅନ୍ୟ ସମୁଦ୍ରକୂଳ ଅଞ୍ଚଳକୁ ଫାଇଲେରିଆ ପ୍ରବଣ ଭାବେ ଗଣତି କରାଯାଉଛି। ସବୁପରେ ବି ଲୋକେ ସଚେତନ ହେବା ବଡ଼ କଥା। କାରଣ ଗୋଟିଏ ଡେଙ୍ଗୁ ମଶା ୪୪୨ ମିଟରରୁ ଅଧିକ ବାଟ ଉଡିପାରିବନି। ମାତ୍ର ଜଣେ ଡେଙ୍ଗୁ ରୋଗୀ ବମ୍ବେରୁ ଓଡ଼ିଶା, ମାଡ୍ରାସରୁ ଦିଲ୍ଲୀ ଯିବାରେ କିଛି ବି ଅସୁବିଧା ନାହିଁ। ତେଣୁ ଜଣେ ଡେଙ୍ଗୁରେ ଆକ୍ରାନ୍ତ ହେବା ପରେ ନିଜେ ଯଦି ସଚେତନ ହୋଇଯିବ ତେବେ ଅନ୍ୟମାନେ ଏଥିରେ ଆକ୍ରାନ୍ତ ହେବାର ଆଶଙ୍କା କମ୍। ଆସନ୍ତୁ ପ୍ରଥମେ ଜାଣିବା ଡେଙ୍ଗୁ କିପରି ବ୍ୟାପେ ? ଡେଙ୍ଗୁ ଏକ ଭୂତାଣୁ ଜନିତ ରୋଗ। ଏଡ଼ିସ୍ ମଶା ଦ୍ୱାରା ଏହା ବ୍ୟାପିଥାଏ। ଏହି ମଶା ପରିଷ୍କାର ପାଣିରେ ଅଣ୍ଡା ଦେଇଥାଏ। ଟାୟାର, ନଡ଼ିଆ ସଢ଼େଇ, ଭଙ୍ଗା ଟିଣ ଓ ପ୍ଲାଷ୍ଟିକ ପାତ୍ର, ଏସି, କୁଲର, ଫ୍ରିଜ୍ ରହୁଥିବା ସ୍ଥାନରେ ଏହି ମଶା ଅଣ୍ଡା ଦେଇଥାଏ। ଏସି, କୁଲର, ଫ୍ରିଜରେ ରହୁଥିବା ପାଣିକୁ ନିୟମିତ ବ୍ୟବଧାନରେ ସଫା କରାଯିବା ଦରକାର। ଯେଉଁ ସ୍ଥାନଗୁଡ଼ିକରେ ପାଣି ଜମୁଛି ସେଗୁଡ଼ିକୁ ସଫା କରିଦେଲେ ଏହି ମଶା ଆଉ ବଂଶ ବିସ୍ତାର କରିପାରିବେ ନାହିଁ। ସେହିପରି ମଶା ଜନିତ କାରଣରୁ ଆଉଗୋଟିଏ ରୋଗ ହେଉଛି ଚିକୁନ୍ ଗୁନିଆ। ଚିକୁନ୍ ଗୁନିଆର ଅର୍ଥ ଡବ୍‌ଲିଂ ଅଫ୍ ଅର୍ଥାତ୍ ଗଣ୍ଠି ଦରଜ ଦ୍ୱାରା ଚାଲି ନପାରିବା। ଏହା ଡେଙ୍ଗୁ ପରି ଏକ ଜ୍ୱର ଯାହାକି ଗ୍ରୁପ-୬ ଭୂତାଣୁ ଦ୍ୱାରା ହୋଇଥାଏ। ଏଡ଼ିସ୍ ଏବଂ କମ୍ ଭାବେ କ୍ୟୁଲେକ୍ସ ଓ ମାନ୍‌ସୋନିଆ ମଶା କାମୁଡ଼ିବା ଦ୍ୱାରା ଏହା ସଂକ୍ରମିତ ହୁଏ। ଏଥିରେ ଅଧିକ ମାତ୍ରାରେ ଜ୍ୱର ହେବା ସହିତ ଗଣ୍ଠି ବ୍ୟଥା ଅଧିକ ହୋଇଥାଏ। ମୁଣ୍ଡ ଫାଟିଗଲା ପରି ବ୍ୟଥା ହୁଏ। ଦେହରେ ନାଲି ନାଲି ଫଳିଯାଏ। ଡେଙ୍ଗୁ ପରି ଜଣାପଡ଼େ। କଫି ରଙ୍ଗର ବାନ୍ତି ହୁଏ। ନାକରୁ ରକ୍ତ ପଡ଼ିବା ସହ ଗଣ୍ଠି ଫୁଲିଯାଏ। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଥଣ୍ଡାପାଣି ପାରାପାରାସିଟାମଲ ଦ୍ୱାରା ଜ୍ୱର କମାଯାଇପାରିବ। କାଶ ପାଇଁ ଔଷଧ ଓ ଜଳ ଶୁଷ୍କତା ପାଇଁ ଓଆରଏସ୍ ଦ୍ରବଣ ଓ ସାଲାଇନ ଦିଆଯାଇପାରେ। ଆସ୍ପିରିନ୍ ଓ ଷ୍ଟିରଏଡ ଏଥିପାଇଁ ମନା। ବିଶ୍ରାମ ନେବା ଓ ଶୋଇବା ମଧ୍ୟ ଜରୁରୀ। ଏହା ସାଧାରଣତଃ ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ହୋଇଥାଏ। ଖରାଦିନେ ଏହା କ୍ୱଚିତ୍ ହୁଏ। ଡେଙ୍ଗୁର ପ୍ରମୁଖ ଲକ୍ଷଣ ହେଉଛି -ଡେଙ୍ଗୁ ହେଲେ ଶରୀରର ତାପମାତ୍ରା ଅତ୍ୟଧିକ ବଢ଼ିଯାଏ। ଆଣ୍ଠୁ ଓ ଗଣ୍ଠି ଦରଜ ହୋଇଥାଏ। ଆଖି ଲାଲ ଦେଖାଯାଇଥାଏ। ଏହା ସାଧାରଣତଃ ୭ଦିନ ପର୍ଯ୍ୟନ୍ତ ରହିଥାଏ। ତେଣୁ ରୋଗୀ ଔଷଧ ଖାଇବା ସହ ପ୍ରଚୁର ପାଣି ପିଇବା ଦରକାର। କେମିତି ବ୍ୟାପେ ଡେଙ୍ଗୁ : ଡେଙ୍ଗୁ ଏକ ଭୂତାଣୁ ଜନିତ ରୋଗ। ଏଡ଼ିସ୍ ମଶା ଦ୍ୱାରା ଏହା ବ୍ୟାପିଥାଏ। ଏହି ମଶା ପରିଷ୍କାର ପାଣିରେ ଅଣ୍ଡା ଦେଇଥାଏ। ଟାୟାର, ନଡ଼ିଆ ସଢ଼େଇ, ଭଙ୍ଗା ଟିଣ ଓ ପ୍ଲାଷ୍ଟିକ ପାତ୍ର, ଏସି, କୁଲର, ଫ୍ରିଜ୍ ରହୁଥିବା ସ୍ଥାନରେ ଏହି ମଶା ଅଣ୍ଡା ଦେଇଥାଏ। ଏସି, କୁଲର, ଫ୍ରିଜରେ ରହୁଥିବା ପାଣିକୁ ନିୟମିତ ବ୍ୟବଧାନରେ ସଫା କରାଯିବା ଦରକାର। ଯେଉଁ ସ୍ଥାନଗୁଡ଼ିକରେ ପାଣି ଜମୁଛି ସେଗୁଡ଼ିକୁ ସଫା କରିଦେଲେ ଏହି ମଶା ଆଉ ବଂଶ ବିସ୍ତାର କରିପାରିବେ ନାହିଁ।

କେମିତି ରହିବେ ସଚେତନ : ସାଧାରଣତଃ ଦିନରେ ଏହି ମଶା କାମୁଡ଼ିଥାଏ। ଦିନରେ ବିଶ୍ରାମ ନେଲାବେଳେ ମଶାରି ଟଙ୍ଗେଇ ବିଶ୍ରାମ କରିବା ଉଚିତ। ଶରୀରକୁ ସମ୍ପୂର୍ଣ୍ଣ ଘୋଡ଼ାଇ ରଖିବା ଭଳି ପୋଷାକ ପିନ୍ଧିବା ଦରକାର। ଜ୍ୱର ହେବାମାତ୍ରେ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇ ରକ୍ତ ପରୀକ୍ଷା କରାଇବା ଆବଶ୍ୟକ।

ଡେଙ୍ଗୁର ଲକ୍ଷଣ : ଡେଙ୍ଗୁ ହେଲେ ଶରୀରର ତାପମାତ୍ରା ଅତ୍ୟଧିକ ବଢ଼ିଯାଏ। ଆଣ୍ଠୁ ଓ ଗଣ୍ଠି ଦରଜ ହୋଇଥାଏ। ଆଖି ଲାଲ ଦେଖାଯାଇଥାଏ। ଏହା ସାଧାରଣତଃ ୭ଦିନ ପର୍ଯ୍ୟନ୍ତ ରହିଥାଏ। ତେଣୁ ରୋଗୀ ଔଷଧ ଖାଇବା ସହ ପ୍ରଚୁର ପାଣି ପିଇବା ଦରକାର।

ସେହିପରି କିଛି ସଚେତନତାର କଥା ମଧ୍ୟ ଜାଣନ୍ତୁ। ସାଧାରଣତଃ ଦିନରେ ଏହି ମଶା କାମୁଡ଼ିଥାଏ। ଦିନରେ ବିଶ୍ରାମ ନେଲାବେଳେ ମଶାରି ଟଙ୍ଗେଇ ବିଶ୍ରାମ କରିବା ଉଚିତ। ଶରୀରକୁ ସମ୍ପୂର୍ଣ୍ଣ ଘୋଡ଼ାଇ ରଖିବା ଭଳି ପୋଷାକ ପିନ୍ଧିବା ଦରକାର। ଜ୍ୱର ହେବାମାତ୍ରେ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇ ରକ୍ତ ପରୀକ୍ଷା କରାଇବା ଆବଶ୍ୟକ। ମ୍ୟାଲେରିଆ ପାଇଁ ଆର୍ଟିସୋନେଟ ଅବ୍ୟର୍ଥ ଔଷଧ ଭଳି କାମ ଦେଉଛି। ପ୍ରାଥମିକ ଅବସ୍ଥାରେ ମ୍ୟାଲେରିଆ ଧରାପଡ଼ିଗଲେ ରୋଗୀ ବିପଦ ମୁକ୍ତ ଏବଂ ଡେଙ୍ଗୁକୁ ନେଇ ଲୋକଙ୍କ ମଧ୍ୟରେ ଯେଉଁ ଭୟ ରହିଛି ତାହା ରହିବା ଅନାବଶ୍ୟକ।

ପ୍ରଫେସର , ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ‘ଇଚ୍ଛାମୃତ୍ୟୁ’ ସପକ୍ଷବାଦୀ ଏବଂ ଏହାର ଆଇନସିଦ୍ଧତା



ଶ୍ରୀ ବିଶ୍ୱଜିତ ପାଣି

ଏହି ନିକଟ ଅତୀତ ରେ ମୋର ଏକ ଦୈନିକ ସମ୍ବାଦପତ୍ର ରେ ପ୍ରକାଶିତ ଗୋଟିଏ ପ୍ରସଙ୍ଗ ବିଷୟରେ ଆଲୋଚ୍ଚନା କରିବାକୁ ଯାଇ ବହୁ ବରିଷ୍ଠ ନାଗରିକ ତଥା ବୟସ୍କ ପାଠକ ଅନୁରୋଧ କରନ୍ତି ଯେ ଆପଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ 'ଇଚ୍ଛାମୃତ୍ୟୁ' ଯାହାର ପ୍ରାସଙ୍ଗିକତା ଏବେ ନିହାତି ଜରୁରୀ ମନେ ହୁଏ ତା ସମ୍ବନ୍ଧରେ କିଛି ଲେଖନ୍ତୁ ଯାହା ଆମର ପ୍ରତ୍ୟେକ ନିର୍ବାଚ଼ିତ ସରକାର , ପ୍ରଶାସକ , ନ୍ୟାୟାଧୀଶ ଏବଂ ଜନସାଧାରଣଙ୍କ ର ଦୃଷ୍ଟି ଗୋଚ଼ର ହୋଇପାରିବ ଏବଂ ତତସହିତ ଏହା ର ଆଇନ ସିଦ୍ଧତା କେତେ ତାହା କେବଳ ଏକ ବିତର୍କ ନୁହେଁ ବରଂ ସୁଖଦ ବା ଆରାମ ଦାୟକ ମୃତ୍ୟୁ ପାଇଁ ଏକ ସମାଧାନ ର ସୂତ୍ର ବାହାରିପାରିବ ଓ 'ଇଉଥାନାସିଆ (ଇଚ୍ଛା ମୃତ୍ୟୁ)' ଏକ ଗ୍ରୀକ ଶବ୍ଦ ର ଉତ୍ପତ୍ତି ଯାହାର ଅର୍ଥ ହେଲା 'ଭଲ ମୃତ୍ୟୁ' ବା 'ଆରାମ ଦାୟକ ମୃତ୍ୟୁ' ଓ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବରେ ନେଦରଲ୍ୟାଣ୍ଡ ୨୦୦୧ ମସିହାରେ ଇଚ୍ଛାମୃତ୍ୟୁ ର ନ୍ୟାୟୀକରଣ କରିଥିବା ବେଳେ ଅନ୍ୟତମ ରାଷ୍ଟ୍ର ବେଲଜିଅମ ୨୦୦୨ ମସିହାରେ ଏହାର ପ୍ରଚ଼ଳନ କରିଥିଲା ଓ ସମ୍ପ୍ରତି ବିଶ୍ୱର ଅନେକ ରାଷ୍ଟ୍ର ଯଥା କାନାଡ଼ା , କଲମ୍ବିଆ , ଲକ୍ସମବର୍ଗ , ନିଉଜିଲାଣ୍ଡ , ସ୍ପେନ ଏବଂ ଅଷ୍ଟ୍ରେଲିଆ ର ୬ ଟି ପ୍ରଦେଶ ଏହି ଇଚ୍ଛା ମୃତ୍ୟୁ ବା ଆରାମ ଦାୟକ ମୃତ୍ୟୁ ( Euthanasia ) କୁ ଆଇନସିଦ୍ଧ କରିସାରିଲେଣି ଓ ଏହି ସୁଖଦ ମୃତ୍ୟୁ ପାଇଁ ଦୁଇ ପ୍ରକାର ପ୍ରଣାଳୀ ର ପ୍ରୟୋଗ କରାଯାଇଥାଏ ଯଥା ସକ୍ରିୟ ଇଚ୍ଛାମୃତ୍ୟୁ (Active Euthanasia) ଏବଂ ସୁପ୍ତ ଇଚ୍ଛାମୃତ୍ୟୁ (Passive Euthanasia) ଓ ସକ୍ରିୟ ଇଚ୍ଛା ମୃତ୍ୟୁ ପାଇଁ କୌଣସି ମରଣାନ୍ତକ ଔଷଧ ତଥା ଇଞ୍ଜେକ୍ସନ ର ପ୍ରୟୋଗ ହେଉଥିବା ବେଳେ ସୁପ୍ତ ଇଚ୍ଛା ମୃତ୍ୟୁ ପାଇଁ କେବଳ ଯୋଗାଇଦିଆହେଉଥିବା ଜୀବନରକ୍ଷାକାରୀ ଯନ୍ତ୍ର ତଥା ଔଷଧୀୟ ଚ଼ିକିତ୍ସା ସବୁ ରୁ ବଂଚ଼ିତ ଏବଂ ବାରଣ କରିବାକୁ ପଡିଥାଏ ଓ ତେବେ ୨୦୧୧ ମସିହା ରେ ମାନ୍ୟବର ଉଚ୍ଚ଼ତମ ନ୍ୟାୟାଳୟ ଭାରତରେ ସୁପ୍ତ ଇଚ୍ଛା ମୃତ୍ୟୁ (Passive Euthanasia) ସପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ କିନ୍ତୁ ସକ୍ରିୟ ଇଚ୍ଛାମୃତ୍ୟୁ ସପକ୍ଷରେ ନ ଥିଲେ କାରଣ ଏହାକୁ ଏକ ନ୍ୟାୟିକ ଆତ୍ମହତ୍ୟା ବୋଲି ବିବେଚ଼ନା କରି ଏଡାଇ ଦେଇଥିଲେ । ଆମେ ଯଦି ପୌରାଣିକ ଯୁଗ କୁ ଯିବା ତେବେ ବିଶିଷ୍ଟ ମହାକାବ୍ୟ ମହାଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଚ଼ରିତ୍ର ପିତାମହ ଭୀଷ୍ମ ଯିଏ କି ଗଙ୍ଗାପୁତ୍ର ଏବଂ ଦେବବ୍ରତ ଭାବରେ ପରିଚ଼ିତ ସିଏ ସେତେବେଳେ ମଧ୍ୟ ଇଚ୍ଛା ମୃତ୍ୟୁ ର ବରଦାନ ପାଇଥିଲେ ଓ ସେ ଯାହା ହେଉ କିନ୍ତୁ ଭାରତରେ ଅରୁଣା ରାମଚ଼ନ୍ଦ୍ର ଶାନବାଗ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ କି ୪୨ ବର୍ଷ ଧରି ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ତଥା କେବଳ ଜୀବନ ସୁରକ୍ଷାକାରୀ ଯନ୍ତ୍ର ସହାୟତାରେ ବଂଚ଼ିଥିଲେ ତାଙ୍କ ଠାରୁ ମାନ୍ୟବର ଉଚ୍ଚ଼ତମ ନ୍ୟାୟାଳୟ ଙ୍କ ନିର୍ଦ୍ଦେଶ ବଳରେ ଆରାମ ଦାୟକ ମୃତ୍ୟୁ (Passive Euthanasia) ର ପ୍ରୟୋଗ କରାଯାଇଥିଲା ଓ ୧୯୭୩ ମସିହାରେ ଜଣେ କନିଷ୍ଠ ମହିଳା ସେବିକା ଭାବରେ ମୁମ୍ବାଇ ସ୍ଥିତ କିଙ୍ଗ ଏଡ୍ୱାର୍ଡ଼ ମେମୋରିଆଲ ହସ୍ପିଟାଲ ରେ କାର୍ଯ୍ୟରତା ୨୫ ବର୍ଷୀୟା ତରୁଣୀ ଅରୁଣା ଶାନବାଗ ସେହି ହସ୍ପିଟାଲ ରେ କାର୍ଯ୍ୟରତ ଜଣେ ଯୁବକ ଦ୍ୱାରା ପାଶବିକ ତଥା ଶାରୀରିକ ଅତ୍ୟାଚ଼ାର ଦ୍ୱାରା ନିର୍ଯାତିତ ହୋଇ ସମ୍ପୂର୍ଣ୍ଣ ଅକ୍ଷମ ହେବା ସହିତ ସମସ୍ତ ସଫଳ ଚ଼ିକିତ୍ସା ସତ୍ତ୍ୱେ ବହୁ ବର୍ଷ ତଥା ୪୨ ବର୍ଷ କୋମା ରେ ରହିବାକୁ ପଡିଥିଲା ଏବଂ ପରିଶେଷରେ ଯେତେବେଳେ ସମସ୍ତ ଚ଼ିକିତ୍ସା ଏବଂ ଜୀବନ ରକ୍ଷାକାରୀ ଯନ୍ତ୍ର ସବୁ ପ୍ରତ୍ୟାହାର କରି ନିଆଗଲା ସେତେବେଳେ ସେ ଦୁରାରୋଗ୍ୟ ନିମୋନିଆ ର ଶିକାର ହୋଇ ୨୦୧୫ ମସିହାରେ ଶେଷ ନିଶ୍ୱାସ ତ୍ୟାଗ କଲେ ଓ ତେଣୁ ଏକ ସ୍ୱେଚ୍ଛାସେବୀ ସଂସ୍ଥା କମନ କଜ ସମ୍ବିଧାନ ର ଧାରା ୨୧ ରେ ଉଲ୍ଲିଖିତ ମୌଳିକ ଅଧିକାର 'ସମ୍ମାନ ର ସହ ବଂଚ଼ିବା ଅଧିକାର' ଭଳି 'ସମ୍ମାନ ର ସହ ମୃତ୍ୟୁ ର ଅଧିକାର' କୁ ମଧ୍ୟ ସାମ୍ବିଧାନିକ ସ୍ୱୀକୃତି ମିଳୁ ବୋଲି ଏକ ଯାଚ଼ିକା ମାନ୍ୟବର ଉଚ୍ଚ଼ତମ ନ୍ୟାୟାଳୟ ଙ୍କ ନିକଟରେ ଦାଖଲ କଲେ ଫଳସ୍ୱରୂପ ୨୦୧୮ ମସିହାରେ ଏକ ସାମ୍ବିଧାନିକ ଖଣ୍ଡପୀଠ ରାୟ ଆସିଲା ଯେ ଯଦି ଜଣେ ଇଚ୍ଛା ମୃତ୍ୟୁ ପାଇଁ ଆବେଦନ କରେ ତେବେ ତାହାର ଏହି ଶେଷ ନିଷ୍ପତ୍ତି ଏକ ଇଚ୍ଛାପତ୍ର ମାଧ୍ୟମରେ ହେବା ଉଚ଼ିତ ଏବଂ ତାହା କେବଳ ସମ୍ଭବ ହୋଇପାରିବ ଯେତେବେଳେ ଜଣକର ମସ୍ତିଷ୍କ ସମ୍ପୂର୍ଣ୍ଣ ମୃତପ୍ରାୟ ଏବଂ କୌଣସି ବିକଳ୍ପ ଚ଼ିକିତ୍ସା ର ବ୍ୟବସ୍ଥା ନାହିଁ ସେତେବେଳେ ପଂଜିକୃତ ଇଚ୍ଚ଼ାପତ୍ର କୁ କାର୍ଯ୍ୟକାରୀ କରାଯାଇ ସୁପ୍ତ ଇଚ୍ଛା ମୃତ୍ୟୁ (Passive Euthanasia) ର ଆଇନତଃ ପ୍ରୟୋଗ କରାଯାଇପାରେ ଓ କିନ୍ତୁ ଏହି ସୁପ୍ତ ଇଚ୍ଚ଼ାମୃତ୍ୟୁ ସମ୍ପର୍କରେ ୨୦୧୮ ମସିହା ରେ ଉଚ୍ଚ଼ତମ ନ୍ୟାୟାଳୟ ର ରାୟ ରେ ସାମାନ୍ୟ ସଂଶୋଧନ କରି ଗତ ଜାନୁଆରୀ ମାସ ୨୪ ତାରିଖ, ୨୦୨୩ ଦିନ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ର ଏକ ସାମ୍ବିଧାନିକ ଖଣ୍ଡପୀଠ କମନ କଜ ବନାମ କେନ୍ଦ୍ର ସରକାର ର ଶୁଣାଣି କରି ସୁପ୍ତ ଇଚ୍ଛାମୃତ୍ୟୁ କୁ ସରଳୀକରଣ କରି ଆଇନତଃ ସ୍ୱୀକୃତି ପ୍ରଦାନ କରିଛନ୍ତି ଓ ତେବେ ଏଠାରେ ଏକ ବିବେକତା ର ପ୍ରଶ୍ନ ମନକୁ ଆସେ ଯେ କେବଳ କଣ ଦୀର୍ଘସ୍ଥାୟୀ ଶାରୀରିକ ଅସୁସ୍ଥତା ବା ଅକ୍ଷମତା କିମ୍ବା ବିକଳ୍ପ ଚ଼ିକିତ୍ସା ର ଅଭାବ ଇଚ୍ଛା ମୃତ୍ୟୁ ପାଇଁ ଏକ ଆହ୍ୱାନ ହେଉଛି ? ଏହା ଉତ୍ତର ନିଶ୍ଚୟ 'ନା' କାରଣ ସମ୍ପ୍ରତି ସାମାଜିକ, ପାରିବାରିକ ତଥା ଅର୍ଥନୈତିକ ପରିସ୍ଥିତି ଯାହା ସମସ୍ତେ ଆତ୍ମକୈନ୍ଦ୍ରିକ ଚ଼ିନ୍ତାଧାରା ଏବଂ ବସ୍ତୁବାଦୀ ଦୁନିଆ ରେ ଏତେ ମସଗୁଲ ଯେ ତେଣୁ ବରିଷ୍ଠ ନାଗରିକ ମାନେ ଏ ସବୁ ଅବ୍ୟବସ୍ଥା ରେ ଅଣ ନିଶ୍ୱାସୀ ହୋଇ ମାନସିକ ସ୍ତରରେ ମୃତପ୍ରାୟ ତେଣୁ ସେମାନେ ମଧ୍ୟ ଆଇନତଃ ସକ୍ରିୟ ଇଚ୍ଛା ମୃତ୍ୟୁ (Active Euthanasia) ସପକ୍ଷରେ ଯୁକ୍ତି ରଖିଥାନ୍ତି ଓ ଏକଦା ଏକ ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ ସହର ନିକଟବର୍ତ୍ତୀ ଏକ ଜରା ନିବାସ ବା ବୃଦ୍ଧାଶ୍ରମ କୁ ଯିବାର ସୌଭାଗ୍ୟ ପ୍ରାପ୍ତ ହେଲା ଏବଂ ସେଠାରେ ପହଂଚ଼ିଲା ପରେ ଯାହା ଅନୁଭୂତି ହେଲା ତାହା ମୋ ପାଇଁ ସୌଭାଗ୍ୟ ନୁହେଁ ବରଂ ଦୁର୍ଭାଗ୍ୟ ଥିଲା କାରଣ ସେହି ଅନ୍ତେବାସୀ ମାନଙ୍କ ମଧ୍ୟରୁ ଅନେକ ପ୍ରତିଷ୍ଠିତ ଏବଂ କେଉଁଠି ନା କେଉଁଠି ସେମାନେ ସାମାଜିକ ତଥା ପାରିବାରିକ କ୍ଷେତ୍ରରେ ଅବହେଳିତ ବରିଷ୍ଠ ବ୍ୟକ୍ତିତ୍ୱ ତେଣୁ ସେମାନେ ସେମାନଙ୍କର ଦିନ ଗଣିବାରେ ବ୍ୟସ୍ତ ଓ ଏପରିକି କେତେ ଜଣ ପ୍ରଶ୍ନ କରନ୍ତି ସରକାର ଏମିତି କିଛି ଆଇନ ଆଣନ୍ତେନି ଯାହା ଦ୍ୱାରା ଆମ ଭଳି ଅବହେଳିତ ବରିଷ୍ଠ ନାଗରିକ ମାନେ କାହା ଉପରେ ଆଉ ବୋଝ ନା ହୋଇ ଏହି ସଂସାରରୁ ସମ୍ମାନ ର ସହ ବିଦାୟ ନେଇଯାଆନ୍ତୁ ଓ ଏହା କିଛି କ୍ଷଣ ପାଇଁ ମୋ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ଥିଲା ଓ ତେଣୁ ସମ୍ପ୍ରତି ଉଭୟ ସକ୍ରିୟ ଅବା ସୁପ୍ତ ଇଚ୍ଛାମୃତ୍ୟୁ (Euthanasia) ର ଆବଶ୍ୟକତା ଅଛି କି ନାହିଁ ତାହା କେବଳ ଆଜିର ବୁଦ୍ଧିଜୀବୀ ତଥା ସରକାର ସହୃଦୟତାର ସହ ବିଚ଼ାର କରନ୍ତୁ ଓ ଜୟ ହିନ୍ଦ।

ଆଡ଼ଭୋକେଟ
ଅରୁଣୋଦୟ ନଗର, କଟକ-୧୨
ମୋ - ୭୦୦୮୬୯୧୪୩୪

# ମନ୍ଦିର ଶବ୍ଦର ବର୍ତ୍ତମାନ ପ୍ରୟୋଗ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଶ୍ରୀମନ୍ଦିର ଜଗତରେ ଏକ ମାତ୍ର ମନ୍ଦିର ଯେଉଁଠାରେ ତିନି ବ୍ରହ୍ମ ରହିଛନ୍ତି। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଶ୍ରୀବଳରାମ ମା ସୁଭଦ୍ରାଙ୍କ, ଶ୍ରୀସୁଦର୍ଶନଙ୍କ ସଂଯୋଗ ଶକ୍ତି। ଶ୍ରୀଜଗନ୍ନାଥଙ୍କ ନବକଳେବରରେ ବ୍ରହ୍ମ ପରିବର୍ତ୍ତନ କ୍ରିୟା ସବୁଥର ହୋଇ ଆସୁଛି। ଅନ୍ନବ୍ରହ୍ମ ଯାହା ଶ୍ରୀ ମହାପ୍ରସାଦ ଯାହାକୁ ଚଣ୍ଡାଳ ଠାରୁ ବ୍ରାହ୍ମଣ ଭକ୍ତି ଓ ଶ୍ରଦ୍ଧାରେ ମାଗି ଖାଇଥାନ୍ତି। ବହୁଦୂର ଯାଏ ମହାପ୍ରସାଦ, ନେଇଗଲେ ବି ତାହା ସର୍ବମାନ୍ୟ ମହାପ୍ରସାଦ। ନାମ ବ୍ରହ୍ମ ପ୍ରଭୁଙ୍କର ନାମର ପ୍ରକୃତ ମହିମା କଳିଯୁଗର ତାରକ ବ୍ରହ୍ମ ନାମ ଏଇ ଦେବ ସନ୍ନିକଟ ସ୍ଥାନରେ ଅହରହ ନାଦରେ ଶୁଣାଯାଏ ମଣିମା ମଣିମା ନାଦ ଏଠାରେ ମାନବୀୟ ନୁହଁ ଏହା ସମ୍ପୂର୍ଣ୍ଣ ଦେବ ଉପଚାରର ଏକ ଅଙ୍ଗ। ଏହାବାଦ ଶ୍ରୀ ଲାଗେ ମହାଲକ୍ଷ୍ମୀଙ୍କ ପାଇଁ ମହାସରସ୍ୱତିଙ୍କ ପାଇଁ ରାଧାରାଣୀଙ୍କ ପାଇଁ ପ୍ରଭୁଙ୍କ ବାସ ସ୍ଥାନରେ ଏମାନେ ସଦା ରହି ମାନବ ପୂଜିତକୁ ସେମାନେ ଦିଅଁଙ୍କ ସେବାରେ ସଦାରତ। ଏଥିରେ ନୀଳଚକ୍ରକୁ ପତିତପାବନବାନା ଯାହା ପରମ ରହସ୍ୟମୟ। ନୀଳଚକ୍ର ଦର୍ଶନ ବହୁ ଦୂରରୁ କରାଗଲେ ବୁଝାଯାଏ ପ୍ରଭୁ ସାନିଧ୍ୟକୁ ଆମେ ପହଞ୍ଚି ଗଲୁଣି। ଗୀତରେ ଗୀତିକାର ସ୍ୱର ଧରୁଛନ୍ତି ଚନ୍ଦନପୁରରୁ ପତିତପାବନ ଅଳପ ଅଳପ ଦିଶେ। ଏହାର ବହୁ ଅର୍ଥ ବି କରାଯାଇପାରେ ମାତ୍ର ସ୍ଥୂଳ ଅର୍ଥରେ ଶ୍ରୀକ୍ଷେତ୍ର ସନ୍ନିକଟ ଚନ୍ଦନପୁରରୁ ଶ୍ରୀମନ୍ଦିରର ବାନା ଦୃଶ୍ୟ ହୁଏ। ଏକାଦଶୀ ପାଳନ କରିଥିବା କୌଣସି ବ୍ରତ ରଖିଥିବା ଲୋକ ସେଇଠାରୁ ବାନା ଦର୍ଶନ କରି ଉଦଯାପନ କରିବା ଏବେ ବି ଦେଖାଯାଏ। ଏହା ବାଦ ଆଉ ସବୁ ଦିଅଁ ଦେବୀ ମନ୍ଦିର ବୃନ୍ଦାବନ ଶ୍ରୀଧାମ ଏଠାରେ ରାଧାରାଣୀଙ୍କ ନାମରେ ମହିମା ଏବେ ବି ରହିଛି। ଖାଲି ରାଧାଲୀଳାରେ ଶ୍ୟାମଲୀଳା ବି ମିଶି ରହିଛି। ଏଠାରେ ଅନେକ ମନ୍ଦିର ଅଛି। ହିନ୍ଦୁ ଧର୍ମର ମନ୍ଦିର କେବଳ ଭାରତରେ ନୁହେଁ ଏବେ ଅନେକ ଦେଶରେ ଦେଖାଯାଉଛି। ତେବେ ଅନେକ ଦିଅଁଙ୍କ ମନ୍ଦିର ଏବେ ପ୍ରତିଗ୍ରାମରେ ଅଛି ଓ ବହୁ ଧାମରେ ରହିଛି। ବ୍ୟକ୍ତିଗତ ଧନୀ ପରିବାର ସ୍ୱକୀୟ ମନ୍ଦିର ଅଛି। କିଛି ପରମ୍ପରାର ଉପାସ୍ୟ ଦିଅଁଙ୍କ ମନ୍ଦିର ରହିଛି। ହନୁମାନଙ୍କ ମନ୍ଦିର ଅଛି ପୁଣି ଖରାଖିଆ ହନୁମାନ ବହୁ ସ୍ଥାନରେ ଠିଆ ରହିବା ଓ ଭକ୍ତିରେ ଲୋକେ ପୂଜା କରିବା ଦେଖାଯାଏ। ଖରାଖିଆ ମହାଦେବ (ଆକାଶ ଲିଙ୍ଗମ୍) ବହୁ ସ୍ଥାନ ଖୋଲା ଆକାଶ ତଳେ ରହିବି ମହିମାବନ୍ତ ହେଲେ ଯେତେ ମନ୍ଦିର ଶିବଙ୍କର ଅଛି ଆଉ କାହାର ଏତେ ମନ୍ଦିର କୌଣସି ଦେବତାଙ୍କର ନାହିଁ। ଏହାବାଦ ଅଛି ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ପୀଠ। ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦାଙ୍କ ପରି ନଦୀମାନେ ଜଳତୀର୍ଥ ହେଲେ ବି ତାଙ୍କର ପ୍ରତୀକ ମନ୍ଦିର ଏପରି ନଦୀର ତଟରେ ଅନେକ ସ୍ଥାନରେ ପୂଜା ପାଉଛନ୍ତି। କାଠରେ ବି ମନ୍ଦିର ଅଛି ଯାହା ପାଗୋଡ଼ା ପୂର୍ବେ ଗ୍ରାମଦେବତା ଗ୍ରାମ୍ୟ କୁମ୍ଭାର କାରିଗରଙ୍କ ଦ୍ୱାରା ଟେଗଘର ପରି ମାଟିରେ ତିଆରି ଖୋଲରେ ଗ୍ରାମ ଦେବତା ଆସ୍ଥାନ ଥିଲା। ଏପରି ମନ୍ଦିର କହିଲେ ଏସବୁକୁ ବୁଝାଉଥିଲା। ମାତ୍ର ଏଇ ମନ୍ଦିର ଶବ୍ଦର ଏବେ ଭିନ୍ନ ରୂପ ଯଥା କଳା ମନ୍ଦିର, ଶାଢ଼ୀ ମନ୍ଦିର, ସରସ୍ୱତୀ ବିଦ୍ୟା ମନ୍ଦିର, ସରସ୍ୱତୀ ଶିଶୁ ମନ୍ଦିର, କେତେ ଫେସନର ନାମ ସୂର୍ଯ୍ୟ ମନ୍ଦିର ନାମରେ ସଂଶ୍ଳିଷ୍ଟ। ଏସବୁ ଲୋକେ ପୁଣି ଆଦୃତ। ମନ୍ଦିର ମଧ୍ୟରେ ଦିଅଁ ମାତ୍ର ଏଠାରେ ଦିଅଁ ଭୂମିକା ଭିନ୍ନ ଦିଗରେ ଆସୁଛି। ଯଦି ମନ୍ଦିର ଅପତ୍ୟା ଲଗାଯିବାକୁ ସମସ୍ତେ ଇଚ୍ଛୁକ ମନୁଷ୍ୟର ରିସ୍ତା ପାଇଁ ମନୁଷ୍ୟ ଆଗ୍ରହୀ ହୋଇ ବିଲୁଆକୁ ନନା ବାଘକୁ ମାମୁଁ ବିଲେଇକୁ ନାନୀ ପୁଷିକୁ ମାଉସୀ ଗାଈକୁ ମାଆ, ଚନ୍ଦ୍ରଙ୍କୁ ମାମୁଁ ଡାକିଲା ପରି ତେବେ ଦେବତା ପରି ରିସ୍ତା ଆମେ କଣ କରିଲେ ଆମର ସମ୍ମାନ ହାନି ହେବନି ? ଆମ ରାଜ୍ୟରେ ଅଛି ବଦ୍ୟାଦାୟିନୀ ସରସ୍ୱତୀଙ୍କ ଭିନ୍ନ ନାମ ବାଣୀରେ ବାଣୀ ବିହାର, ପ୍ରକୃତରେ ତକ୍ଷାଳ ଏହାର ଅନେକ ପ୍ରାଧାନ୍ୟ ଥିଲା। ଏଥିରୁ ବହୁ ସାରସ୍ୱତ ସାଧକ ବିଦ୍ୱାନ ଭାରତବର୍ଷ ନୁହଁ ବିଶ୍ୱରେ ବହୁ ସ୍ଥାନରେ ପ୍ରତିଭାବାନ ହୋଇଛନ୍ତି। ତାପରେ ଅନେକ ବିହାର ଗଢ଼ି ଉଠିଲାଣି ହେଲେ ଆଦ୍ୟ ନାମରୁ ଆସିବା ବିଦ୍ୱାନ ହିଁ ଏସବୁର ସ୍ରଷ୍ଟାରେ ଅଛନ୍ତି। ଏବେ ଅନେକ ରାଜନୈତିକ ଦଳ ହେଲେ ମୂଳ ଦଳ କଂଗ୍ରେସ ହିଁ ଏସବୁର ଉତ୍ସ। କେହି ଅଭିମାନ କରି ଦଳଛାଡ଼ି ଗୋଷ୍ଠୀ ଗଢ଼ି ଭିନ୍ନ ଦଳ ଗଢ଼ିଛନ୍ତି। ସେପରି ଏସବୁ ବିହାର, ଜଗନ୍ନାଥ ମନ୍ଦିର ଶ୍ରୀକ୍ଷେତ୍ରରେ ଯାହା ଅନ୍ୟାତ୍ର ସେହି ପ୍ରକାର କେବେ ସେପରି ହୋଇପାରେ। ନାମ ଅଛି, ନାମର ମୂଲ୍ୟାୟନ ଠିକ ରହିଛି ସିନା ସର୍ବଜନ ଆକର୍ଷଣର କେନ୍ଦ୍ର ବିନ୍ଦୁ ନୁହେଁ କି ଶ୍ରୀମନ୍ଦିରର ପରି ସେବାକାରୀ ନାହାଁନ୍ତି। ଅନ୍ନ ବ୍ୟଞ୍ଜନ ଠିକ ସେପରି ହୋଇ ଲାଗି ମହାପ୍ରସାଦ ନିୟମରେ ହୁଏନାହିଁ। ବ୍ୟୟସାଧିକ ସ୍ୱାଧୀନତା ସଂଗ୍ରାମୀମାନେ ଆସ୍ତେ ଆସ୍ତେ କମିଗଲେଣି ଯେଉଁମାନେ ଅଛନ୍ତି ସେମାନେ ଅତିବୃଦ୍ଧି ଏମାନେ କରିଥିବା ସ୍ୱାଧୀନତା ଆନ୍ଦୋଳନର ଅନୁଭୂତି ଉଦ୍ଦେଶ୍ୟ କେହି ବୁଝନ୍ତି ନାହିଁ। ପୁଣି ତାଙ୍କର ପରାମର୍ଶରେ କାନୁନର ଢାଞ୍ଚା ବଦଳାନ୍ତି ନାହିଁ ନୂଆ ଯୋଜନା କରନ୍ତି ନାହିଁ। ଏତେ ଦଳ ପାଇଁ ସେମାନେ କେବେ ଖୁସ ହୁଅନ୍ତି ନାହିଁ। ପ୍ରଶାସନର ମନ୍ଦିର ପ୍ରତିରାଜ୍ୟରେ ଆସେମ୍ବ୍ଲି ଓ ଦେଶର ପାର୍ଲାମେଣ୍ଟ ମନ୍ଦିରର ଶୁଦ୍ଧତା ଆଉ ସତ୍ୟ ପାଳନ ଏଠାରେ କରାନଗଲେ ତାହା ମନ୍ଦିରର ସମ୍ମାନ ପାଇବ କେମିତି ? ଅଦାଲତ ବିଚାରାଳୟ ଧର୍ମରାଜଙ୍କର ମନ୍ଦିର ଏଠାରେ ଯମଦଣ୍ଡ ଧାରୀ ଯମରାଜ ବନାମ ଧର୍ମରାଜଙ୍କ ପ୍ରତିନିଧି ବିଚାରପତି ଯେ ଦଣ୍ଡ ସଂହିତାରେ ବିଚାର କରି ନ୍ୟାୟ ଦେଉଛନ୍ତି। ଏହା ଏକ ବିଶେଷ ସମ୍ମାନନୀୟ ସ୍ଥାନ। ଏ ମନ୍ଦିରରେ ଯମରାଜଙ୍କର ମତ୍ତ ବିଚାରବନ୍ତ। ଯମମାନେ ନିୟମ, ଯାହା ସାର୍ବଜନୀନ ପାଳନୀୟ। ମନ ଏକ ମନ୍ଦିର, ହୃଦୟ ଏକ ମନ୍ଦିର। ମନ ମନ୍ଦିରରେ ଆତ୍ମାରାମ ଅଛନ୍ତି, ହେଲେ ରାମଙ୍କ ସହିତ ରାବଣ ମୁକ୍ତ ରାମାୟଣ ନଥିବା ପରି ଅବସ୍ଥା ମଧ୍ୟ ଅଛି। ରାବଣର ସମସ୍ତଙ୍କୁ ଚେଷ୍ଟାର ଏକ କ୍ଷେତ୍ର ମନରେ ହୃଦୟରେ ରାଜ କରିପାରେ ତେବେ ରାମ ଶକ୍ତି ରାବଣର ଅନ୍ତ କରାଇପାରନ୍ତି। ରାମଙ୍କୁ ଜାଗ୍ରତ ମନ ଓ ହୃଦୟରେ କରାଇବା ଅଭ୍ୟାସ ଶିକ୍ଷାକରି ଚେଷ୍ଟାରେ ବଢ଼ାଇ ଚାଲିଲେ ହେଲା। ହନୁମାନ ହୃଦୟ ଚିରି ଋଷିମାନଙ୍କୁ ମାଆ ସୀତାଙ୍କୁ ଦେଖାଇଛନ୍ତି ହୃଦୟରେ କେମିତି ସୀତା ରାମଙ୍କୁ ସେ କେମିତି ଆସ୍ଥାନ ଦେଇଛନ୍ତି। ଲହୁଣୀ, ମାଖନ ଚୋର ନନୀ ଚୋର ଏସବୁ କୃଷ୍ଣଙ୍କର ନାମ, ଗୋପାଙ୍ଗନ ଙ୍କର ସେ ହୃଦୟ ଚୋର ଥିଲେ। ହୃଦୟରେ ହୃଦଯନ୍ତ୍ର ଅଛି ଯେ ଛାତିପଟା କଠିନ ହାଡ଼ ତଳେ ଏହା ଅଛି। ହୃଦଯନ୍ତ୍ର ପରି ନରମ ଦ୍ରବ୍ୟର ନାମ ସବୁ ନରମ ଦ୍ରବ୍ୟର ତାଲିକାର ଉର୍ଦ୍ଧ୍ୱରେ ରହେ ଯାହା ଲହୁଣୀ, ଲାବଣୀ, ମାଖନ, ନନୀ ପରି ନରମ ନମନୀୟ। ହୃଦୟ ଜିଣିବା କାର୍ଯ୍ୟ ଅତି ଦୂରୁହ, ଅଶୋକ ଚଣ୍ଡାଶୋକ ହୋଇ ବୌଦ୍ଧଭିକ୍ଷୁଙ୍କ ଉପଦେଶରେ ଧର୍ମାଶୋକ ହୋଇ ପ୍ରଜାଙ୍କର ମନ ଜିଣିବା ସ୍ତର ଶିକ୍ଷାକରି ଧର୍ମାଶୋକ ହୋଇଥିଲେ। ନେତାମାନେ ମଦ, ମାଂସ, ଲାଞ୍ଚ ଦେଇ ଭୋଟରଙ୍କ ମନ ଜିଣିବା ଭେଟ ସବୁଦିନେ କେବେ ପାଇବେ ନାହିଁ ସମୟ ଆସିବେ ଏପରି ମାୟାରୁ ଅବସାନ ନେବ ଓ ହୃଦୟ ଜିଣା ନେତା ଗଣତନ୍ତ୍ରର ମନ୍ଦିରକୁ ଆସିବେ ହିଁ ଆସିବେ। ଯାନକୁ ଯାନ ଚାଳକ ମାଲିକ ଦେବତାଙ୍କର ପ୍ରତିମୂର୍ତ୍ତି ରଖନ୍ତୁ ନରଖନ୍ତୁ ଧୂପକାଠି ଦେଇ ପୂଜା କରି ଚଳାନ୍ତି। ଅର୍ଥାତ୍ ଯାନ ବି ମନ୍ଦିର ହେଲେ ଯାତ୍ରୀମାନେ ଦେବତା ତାଙ୍କର ସୁରକ୍ଷା ଓ ଭଲ ବ୍ୟବହାରରେ ଯାତ୍ରା ଆରମ୍ଭରୁ ସମାପ୍ତ ହେବାରେ ସେମାନେ ନଗଦ ନାରାୟଣ ଦେଇଛନ୍ତି ଅର୍ଥ ଯାତ୍ରାକାଳରେ ସେମାନେ ଯାତ୍ରୀ ଈଶ୍ୱର ଧରାଯାଇ ଯାନ ଏକ ଉପଯୁକ୍ତ ମନ୍ଦିର ଚିନ୍ତନ କରାଯିବ। ଏପରି ଦୋକାନ ଏକ ପଣ୍ୟ ଦ୍ରବ୍ୟ ଭଣ୍ଡାର ଯାହା ନିତ୍ୟ ପ୍ରୟୋଜନୀୟର ଏକ ମନ୍ଦିର ଆଉ ତାର ଗ୍ରାହକ ହେଉଛନ୍ତି ଈଶ୍ୱର ଗ୍ରାହାକେଶ୍ୱର ଏସବୁ ଭୁଲିବା ଉଚିତ ନୁହେଁ। ପ୍ରତି ଡାକ୍ତରଖାନାକୁ ଆରୋଗ୍ୟ ମନ୍ଦିର କୁହାଗଲେ କଣ କ୍ଷତି ? ବଡଡାକ୍ତରଖାନା ଶ୍ରୀ ଆରୋଗ୍ୟ ମନ୍ଦିର କହିଲେ କାହାରି ହାନୀ ହେବନାହିଁ। ବା କଥାଟା ନକରା ହେବନାହିଁ। ଆରୋଗ୍ୟ ମନ୍ଦିରରେ ଦିଅଁ ବି ଅଦୃଶ୍ୟ ଧନ୍ୱନ୍ତରୀ ବୈଦ୍ୟନାଥ, ଅଶ୍ୱିନୀକୁମାରଙ୍କ ପରି ଦିଅଁମାନେ ଏପରି ଅଛନ୍ତି। ଅଶ୍ୱିନୀକୁମାର ଦ୍ୱୟ ଜଣେ ଔଷଧରେ ଆରୋଗ୍ୟକାରୀ ଜଣେ ଅସ୍ତ୍ର ଚିକିତ୍ସାରେ ଆରୋଗ୍ୟକାରୀ ଏମାନେ ଯମଜ ଯାଆଁଳା ଭାଇ ଆମର ଚିକିତ୍ସା ଶାସ୍ତ୍ରରେ ଅଛି ଏମବିବିଏସ ପରି ଡିଗ୍ରୀ ପାଠ ଯାହା ଏଇ ଯାଆଁଳା ଭାଇଙ୍କର କରାମତିର ପାଠ ଶେଷ କରିବା ବ୍ୟକ୍ତି। ଏହା ଏମଡିରେ କିଏ କେତେ ପ୍ରକାର ଚିକିତ୍ସା ବିଦ୍ୟାରେ ଉଚ୍ଚଶିକ୍ଷିତ ଏମାନେ ଏଇ ଡାକ୍ତରଖାନାର ରୋଗୀ ଚିକିତ୍ସା କରୁଛନ୍ତି। ଏଠାରେ ରୋଗୀ ହୋଇ ବ୍ୟକ୍ତି ଆସି ବହୁ ସଂଖ୍ୟାରେ ଆରୋଗ୍ୟ ହୋଇ ଫେରନ୍ତି। ଯେ କୌଣସି ମନ୍ଦିର ପରି ଏଠାରେ ସେବକ ବିଭିନ୍ନ ବିଦ୍ୟାରେ ଧୂରୀଣ ହୋଇ ସେବାରତ। ପ୍ରସାଦ ହେଉଛି ଔଷଧ, ମନ୍ଦିର ପରି ଡାକ୍ତରଖାନାର ଆଭ୍ୟନ୍ତର ସ୍ୱଚ୍ଛ ଲୋକ ଗହଳି ହେଲେ ବି ନୀରବତା ରକ୍ଷା ସମସ୍ତଙ୍କର ରହିବା ଦର୍ଶାଯାଇ ପାଳନ କଡ଼ାକଡ଼ି କରାଯାଉଛି। ମନ୍ଦିରରେ ସର୍ବ ଦର୍ଶନ ସମୟରେ ସାହାଣ ମେଳା। ଏମିତି ଡାକ୍ତରଖାନାରେ ରୋଗୀଙ୍କ ପରିଜନ ସାକ୍ଷାତରେ ସମୟ ଅଛି। ସୁତରାଂ ଏ ଚିକିତ୍ସା ମନ୍ଦିର ଉଚ୍ଚାରଣରେ କିଛି ଅପରାଧ ହୋଇନପାରେ। ସ୍ମରଣ କରନ୍ତୁ କେତେ ଦିଅଁଙ୍କ ମନ୍ଦିର ଏବେ ଦୁର୍ଲଭ ଯଥା ଇନ୍ଦ୍ର ସରସ୍ୱତୀ କୁବେର ଯମ ଏମାନଙ୍କର ମନ୍ଦିର ନାହିଁ ହେଲେ ମହିମା ବୁଡ଼ିଯାଇ ନାହିଁ ବରଂ ବର୍ଷରେ ତାଙ୍କ ନାମରେ କିଛି କିଛି ତୀର୍ଥ ପର୍ବ ସାମିଲ ଅଛି। ଧନତେରସ ଏମିତି ଧନ୍ୱନ୍ତରୀଙ୍କ ପର୍ବ, ଇନ୍ଦ୍ର ପୂର୍ଣ୍ଣିମା ଇନ୍ଦ୍ରଙ୍କର, ସରସ୍ୱତୀ ପୂଜା ସରସ୍ୱତୀଙ୍କର, ଯମ ଦ୍ୱିତୀୟା, ଯମଙ୍କର, ଏକ ଏ ପର୍ବ ଦିବସ। ହେଲେ ପ୍ରତ୍ୟକ୍ଷ ମନ୍ଦିର ଏମାନଙ୍କର ନାନା ଚିକିତ୍ସା ମନ୍ଦିର ଏପରି ଅଦୃଶ୍ୟ ଦିଅଁଙ୍କ ମନ୍ଦିର।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ସାମାଜିକ ଆଚରଣ ବିଶୃଙ୍ଖଳା ବଢୁଛି



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଓଡ଼ିଶାର ସାମାଜିକ ଜୀବନ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଗଠିତ। ଧର୍ମ, ସଂସ୍କୃତି ଓ ପରମ୍ପରା ସହଜରେ ବଦଳେ ନାହିଁ। କିନ୍ତୁ ଶିକ୍ଷା ଓ ସଚେତନତା ପ୍ରସାର ସହିତ ଯୋଗାଯୋଗରୁ ସମାଜର ଗତିଶୀଳତା ବୃଦ୍ଧି ପାଉଛି। ବୌଦ୍ଧିକ ସ୍ତରରେ ପରିପକ୍ୱ ଆଚରଣ ଓ ଭଦ୍ରତା ରହିଥିବାରୁ ପରିବର୍ତ୍ତନକୁ ଗ୍ରହଣ କରିବାର ମାନସିକତା ଅନୁକୂଳ ହୁଏ। କିନ୍ତୁ ବିଭିନ୍ନ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବାରୁ ନକାରାତ୍ମକ ଚିନ୍ତାଧାରା ଅନେକଙ୍କୁ ପ୍ରଭାବିତ କରିଥାଏ। ଛାତ୍ର ଓ ଯୁବଗୋଷ୍ଠୀ ମଧ୍ୟରେ ପରିବର୍ତ୍ତନକୁ ସବୁବେଳେ ପ୍ରଥମେ ସ୍ୱାଗତ କରାଯାଏ, କାରଣ ସେମାନଙ୍କ ଭାବପ୍ରବଣତା ଅନ୍ୟମାନଙ୍କ ଠାରୁ ଅଧିକ ଏବଂ ପ୍ରତିକୂଳତା ବିରୋଧରେ ଲଢ଼ିବା ନିମନ୍ତେ ସେମାନଙ୍କ ମନରେ ଆଗ୍ରହ ମଧ୍ୟ ଅଧିକ। ସମାଜର ସବୁ ବିଭାଗରେ ପରିବର୍ତ୍ତନ ହେଉଛି। ସ୍ଥିତାବସ୍ଥାକୁ ଗ୍ରହଣ କରି ନନେଇ ନୂତନକୁ ସ୍ୱାଗତ କରିବା ପାଇଁ ଯୁବଗୋଷ୍ଠୀ ମଧ୍ୟରେ ଆଗ୍ରହ ସୃଷ୍ଟି ହେଉଥିବାରୁ ସାମାନ୍ୟ ବା ଗୁରୁତର ବିଷୟରେ ସେମାନେ ଆନ୍ଦୋଳନ କରିବା ପାଇଁ ଡିଆଁ ମାରୁଥିବା ଦେଖାଯାଉଛି। ଏହି କାରଣରୁ ସହରାଞ୍ଚଳରେ ଅଧିକ ବିକ୍ଷୋଭ ଦେଖିବାକୁ ମିଳେ। ସମାଜ ଓ ଶାସନ ଯଦି ପରିବର୍ତ୍ତନର ବିରୋଧ କରନ୍ତି ବା ପରିବର୍ତ୍ତନରେ ପ୍ରତିକୂଳତା ସୃଷ୍ଟି କରନ୍ତି ତେବେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହୁଏ। ଏପରିକି ସାଧାରଣ ବିଶୃଙ୍ଖଳା ଗୁରୁତର ମନେହୁଏ। ନିକଟରେ ପୁରୀ, ବାଲେଶ୍ୱର, ସୋର ପରି ସହରରେ ଥିବା ଚିକିତ୍ସାଳୟରେ ରୋଗୀର ଜୀବନ ଯିବାରୁ ଡାକ୍ତରମାନଙ୍କ ତ୍ରୁଟି ଯୋଗୁ ଏହା ଘଟିଥିବା ଅଭିଯୋଗ କରି ରୋଗୀଙ୍କର ବନ୍ଧୁ ଓ ପରିଜନ ନିଜ ହାତରେ ଆଇନର ଆଶ୍ରୟ ନବା ସହିତ ଡାକ୍ତରମାନଙ୍କୁ ମାରଧର କରିବାରୁ ଡାକ୍ତରମାନେ ଧର୍ମଘଟ କରିବା ଯୋଗୁଁ ଚିକିତ୍ସାଳୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲା ଏବଂ ଖବର ପାଇ ପୁଲିସ ଯଥା ସମୟରେ ପହଞ୍ଚି ଅବସ୍ଥା ନିୟନ୍ତ୍ରଣ କଲେ। କେବଳ ଯେ ଏଇ ତିନୋଟି ଚିକିତ୍ସାଳୟରେ ଏପରି ବେଆଇନ କାର୍ଯ୍ୟ ହାତକୁ ନିଆଗଲା ତାହା ନୁହେଁ ଏପରି ଅରୁଚିକର ଅବସ୍ଥା ସୃଷ୍ଟି କରିବା ପାଇଁ କିଛି ଲୋକ ଦଳବଦ୍ଧ ଭାବେ ଡାକ୍ତର ବା କର୍ମଚାରୀ ମାନଙ୍କରୁ ମାରଧର କରୁଥିବା ଦୁର୍ଭାଗ୍ୟର ବିଷୟ। ଯେଉଁମାନେ ବିଶେଷ କାରଣରୁ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି ସେମାନଙ୍କର ଉପଯୁକ୍ତ ସେବା କରିବା ଡାକ୍ତରମାନଙ୍କ କାର୍ଯ୍ୟ। କିନ୍ତୁ ତାହା ସତ୍ତ୍ୱେ ଯଦି ରୋଗୀର ଜୀବନ ଯାଏ ତେବେ ଡାକ୍ତର ବା ନର୍ସଙ୍କୁ ମାରଧର କରିବା ଉଚିତ ନୁହେଁ। ଓଡ଼ିଶାର ବିଭିନ୍ନ ହସ୍ପିଟାଲରେ ଆବଶ୍ୟକ ସଂଖ୍ୟକ ଚିକିତ୍ସକ ନାହାନ୍ତି। କାରଣ ଯେତିକି ଡାକ୍ତର ଆବଶ୍ୟକ ସେତିକି ମିଳୁ ନାହାନ୍ତି। ଚିକିତ୍ସକ ଅଭାବ ଥିବାରୁ ଅନେକ ଡାକ୍ତରଖାନା ବା ଚିକିତ୍ସା କେନ୍ଦ୍ରରେ ଗୋଷ୍ଠୀ ସେବା ବିପର୍ଯ୍ୟସ୍ତ ହେଉଛି। କିନ୍ତୁ ଯେଉଁଠାରେ ରୋଗୀଙ୍କ ସଂଖ୍ୟା ଅନୁପାତରେ ଡାକ୍ତର ନାହାନ୍ତି ସେଠାରେ ଡାକ୍ତରମାନଙ୍କୁ ଅପମାନିତ କରିବା ଦ୍ୱାରା ସମସ୍ୟାର ସମାଧାନ ହେବନାହିଁ। ପ୍ରାୟ ହଜାରରେ ଅଧିକ ଡାକ୍ତରୀ ପଦ ଅପୂର୍ଣ୍ଣ ଥିବାରୁ ସେସବୁ ପୂର୍ଣ୍ଣ କରିବା ନିମନ୍ତେ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ବିଫଳ ହେଉଥିବାରୁ ଗ୍ରାମାଞ୍ଚଳରେ ଥିବା ଚିକିତ୍ସା କେନ୍ଦ୍ରରେ ରୋଗୀ ସେବା ଯଥେଷ୍ଟ ହେଉଛି। ସରକାରୀ ମେଡ଼ିକାଲ କଲେଜମାନଙ୍କର ଯେତିକି ଡାକ୍ତର ନିଯୁକ୍ତି କ୍ଷେତ୍ରକୁ ଆସୁଛନ୍ତି ଏହା ଅପେକ୍ଷା ରାଜ୍ୟରେ ଅଧିକ ଡାକ୍ତର ଲୋଡ଼ା। ସେଥିପାଇଁ ମେଡ଼ିକାଲ କଲେଜମାନଙ୍କର ଅଧିକ ସ୍ଥାନ ରଖାଯାଇଛି। ଆଉ ଦୁଇ ତିନିବର୍ଷ ପରେ ସେମାନେ ନିଯୁକ୍ତ କ୍ଷେତ୍ରକୁ ଆସିବେ। ପୁଣି ଛଅଟି ନୂତନ ମେଡ଼ିକାଲ କଲେଜ ମଞ୍ଜୁର ହୋଇଛି ଏବଂ ଦୁଇବର୍ଷ ମଧ୍ୟରେ ପାଠପଢ଼ା ଆରମ୍ଭ ହେବ। ଦେଶରେ ଡାକ୍ତର ଅଭାବ ଥିବାରୁ ବାହାର ରାଜ୍ୟରୁ ମଧ୍ୟ ଡାକ୍ତର ଆଣିବା ସମ୍ଭବ ନୁହେଁ। ଅବସରପ୍ରାପ୍ତ ମାନଙ୍କୁ ନିଯୁକ୍ତି ଦେବା ଆଉ ଏକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହିପରି ହଜାର ହଜାର ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଅନେକ ବିଦ୍ୟାଳୟରେ ପାଠପଢ଼ା ଅବହେଳିତ ହେଉଛି। ସରକାରୀ କାର୍ଯ୍ୟାଳୟମାନଙ୍କୁ ନ୍ୟାୟ ପାଇବା ଆଶାରେ ଅନେକ ଲୋକ ଆସିବା ସହିତ ସେଥିରେ ବିଫଳ ହେଉଥିବାରୁ ପ୍ରଶାସନ ଉପରେ ସେମାନଙ୍କର ରୋଷ ବଢୁଛି। ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱ ପୁଲିସର। କିନ୍ତୁ ସବୁ ହସ୍‌ପିଟାଲରେ ଯେ ପୁଲିସ ଫାଣ୍ଡି ଖୋଲିବା ସମ୍ଭବ ନୁହେଁ। ସେହିପରି ପରିସ୍ଥିତିର ବାଧବାଧକତାରୁ ଅନେକ ଚିକିତ୍ସା କେନ୍ଦ୍ର, ବିଦ୍ୟାଳୟ ଓ ବ୍ଲକମାନଙ୍କରେ ଡାକ୍ତର, ଶିକ୍ଷକ ଓ କର୍ମଚାରୀ ନଥିବାରୁ ଲୋକଙ୍କୁ ଉପଯୁକ୍ତ ସେବା ମିଳୁନାହିଁ। ଏଇ ଅସନ୍ତୋଷ ଦିନକର ନୁହେଁ, ଏହା ଦୀର୍ଘ ସମୟ ଧରି ରହିଥିବାରୁ ଅନ୍ୟ ଉପାୟ ନପାଇ ଲୋକମାନେ ଆଇନ ନିଜ ହାତକୁ ନେଉଛନ୍ତି। ଏହି କାରଣରୁ ବିଶୃଙ୍ଖଳା, ରାସ୍ତାରୋକ ବା ଅଭିଯୁକ୍ତଙ୍କୁ ମାରଧର କରିବା କାମ ଲୋକମାନେ ନିଜ ହାତକୁ ନେଉଥିବାର ସରକାର ଏହାର ଆଶୁ ସମାଧାନ ଦିଗରେ ପଦକ୍ଷେପ ନେବା ଉଚିତ ହେବ। ପୁଲିସ ଜଗୁଆଳୀ ସର୍ବତ୍ର ବ୍ୟବସ୍ଥା କରିବା ସମ୍ଭବ ନୁହେଁ। କିନ୍ତୁ ଅପୂର୍ଣ୍ଣ ପଦ ସବୁ ଯଥା ସମୟରେ ପୂର୍ଣ୍ଣ କରିବା ପାଇଁ ସରକାର ପଦକ୍ଷେପ ନେଲେ ଲୋକମାନେ ଶାନ୍ତ ହେବେ ଏବଂ ଅପ୍ରୀତିକର ଆଇନ ଶୃଙ୍ଖଳା ପ୍ରଶ୍ନ ଉଠିବ ନାହିଁ। ଏ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ମଧ୍ୟ ଆଉ ଏକ କାମ। ବଦଳୁଥିବା ସମାଜରେ ଆଚାର ବିଚାର ବଦଳୁଥାଏ। କିନ୍ତୁ ଏଇ ବଦଳିବା ପ୍ରକ୍ରିୟା ଯେଉଁଠାରେ ବିଳମ୍ବିତ ହୁଏ ଏବଂ ଲୋକଙ୍କୁ କଷ୍ଟଭୋଗ କରିବାକୁ ପଡ଼େ ସେଠାରେ ହିଂସାଚାରଣ କରିବା ପାଇଁ ଉତ୍ୟକ୍ତମାନେ ଡିଆଁ ମାରନ୍ତି। ଶାସନ ଯଦି ପ୍ରାଥମିକ ସେବା ଯୋଗାଇ ଦେବାରେ ହେଳା ନକରି ଶିକ୍ଷକ, ଚିକିତ୍ସକ ଇତ୍ୟାଦି ପଦପୂର୍ଣ୍ଣ କରନ୍ତି ତେବେ ଲୋକସେବା ବିପର୍ଯ୍ୟସ୍ତ ହେବନାହିଁ। କିନ୍ତୁ ସବୁବେଳେ ସବୁଠାରେ ସବୁ ଠିକ୍ ଚାଲିଛି ଏପରି କହିବା କେବଳ ଉତ୍ତେଜନା ସୃଷ୍ଟି କରେ। ତେଣୁ ଛାତ୍ର, ଯୁବକ ଓ ସାଧାରଣ ଲୋକ ଆଇନ ଶୃଙ୍ଖଳା ହାତକୁ ନନେଇ ସଂଯମ ଓ ସହନଶୀଳତା ପ୍ରଦର୍ଶନ କଲେ ସାମାଜିକତା ଓ ଭଦ୍ରତା ରକ୍ଷା କରିବା ସମ୍ଭବ ହେବ ଏବଂ ଅକାରଣ ଭଙ୍ଗାରୁଜା ଓ ହିଂସାକାଣ୍ଡ ବନ୍ଦ ହେବ।

କଟିକଟା, ମଙ୍ଗଳପୁର, ଯାଜପୁର,
ଦୂରଭାଷ : ୯୪୩୮୨୭୬୭୬୦




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ୍ୟ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

—**ଚିତ୍ତରଞ୍ଜନ ମହାପାତ୍ର**
**ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪**

## ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନ୍ନରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନ୍ନରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟି, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ



ବର୍ତ୍ତମାନର ସମୟକୁ ଦେଖିଲେ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ପବନରେ ଗଢ଼ା ଆମ ଏହି ସ୍ଥୂଳ ତତ୍ତ୍ୱରେ ଏହି ତିନୋଟି ଉପାଦାନର ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ଜୀବନ ଭିତରେ ସମସ୍ତେ ଅନେକ ଅବସକୁ ଅନୁଭବ କରନ୍ତି। ଅନେକ ବ୍ୟସ୍ତବହୁଳ ଜୀବନ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଏହା ଅନୁଭବୀ କରିଥାଏ ଯେ ଆବହମାନ ସମୟରୁ ଆମ୍ଭେମାନେ ଭାବେ ଜଡ଼ିତ। ମାଟି, ପାଣି ଓ ଶରୀର ଏବଂ ପ୍ରତିଟି ମଣିଷର ଶରୀର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ସମୟରେ କ୍ଲାନ୍ତ ବା ଶରୀରର ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଷମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

**ବିଜୟ କୁମାର ପୃଷ୍ଟି**, ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨

## ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

## ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

### ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

## ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଊର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଊର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

## ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଲବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସ୍ୱାଧୀନତା ସଂଗ୍ରାମୀଙ୍କ ଜେଲକୁ ଜାତୀୟ ସ୍ମାରକୀ ପ୍ରଦାନ ଦାବି

ନବରଙ୍ଗପୁର,(ପି.ଏନ): ନବରଙ୍ଗପୁର ର ପୁରୁଣା ଜେଲ କୁ ଜାତୀୟ ସହିଦ ସ୍ମାରକୀ ପ୍ରଦାନ ଦାବି କରାଯାଇଛି । କ୍ରାନ୍ତି ଦିବସ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଦଣ୍ଡାଦେଶ କାଟିଥିବା ବନ୍ଦୀ ଗୃହ କୁ ଜାତୀୟ ସ୍ମୃତି ପ୍ରଦାନ ଦାବି ରେ ସହିଦ ସ୍ମୃତି ସଂସଦ ତରଫରୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଏନେଇ ନବରଙ୍ଗପୁର ରେଜିଷ୍ଟ୍ର ଅଫିସ ନିକଟରେ ଥିବା ପୁରୁଣା ଜେଲ ନିକଟରୁ ସହିଦ ପରିବାର ଙ୍କ ଦାୟାଦ ମାନଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରରେ ସହର ପରିକ୍ରମା କରି ସ୍ଥାନୀୟ ଶାସ୍ତ୍ରୀ ଭବନ ଠାରେ ମଶାଲ ସ୍ଥାପନ କରିଥିଲେ । ଜିଲ୍ଲାର ଅନେକ ସ୍ୱାଧିନତା ସଂଗ୍ରାମୀ ସ୍ୱାଧୀନତା ଆନ୍‌ଦୋଳନ ରେ ଉଦବୁଧ ହୋଇ ଇଂରେଜ ସରକାର ଙ୍କ ବିରୋଧରେ ଲଢେଇ କରି ଏହି ଜେଲ ରେ ଅନେକ ଥର ବର୍ଷ ବର୍ଷ ଧରି କାରାବାସ ଭୋଗ କରିଥିଲେ । କାରାବାସ ସମୟ ରେ ବନ୍ଦୀ ଗୃହ ରେ ୮ ଜଣ ସ୍ୱାଧିନତା ସଂଗ୍ରାମୀ ନିଜ ଜୀବନ ହାରିଦେଇଥିବା ବେଳେ



ଅନେକ ଇଂରେଜ ମାନଙ୍କ ଦ୍ୱାରା ଅକଥନୀୟ ନିର୍ଯ୍ୟାତନା ର ଶିକାର ହୋଇଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲାର ଅନେକ ସ୍ୱାଧୀନତା ଏହି କାରାବାସ ରେ ଦଣ୍ଡ ଭୋଗ କରି ସ୍ୱାଧୀନତା ସଂଗ୍ରାମ ରେ ନିଜ ନାମକୁ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଧ କରିଥିବା ଏହି ଜେଲ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିବ ବେଳେ ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବ ରୁ ମାଟିରେ ମିଶିବାକୁ ବସିଲାଣି । ଯାହାକୁ ସହିଦ ପରିବାର ଙ୍କ ଦାୟାଦ ମାନଙ୍କ ତରଫରୁ କ୍ଷୋଭ ପ୍ରକାଶ ପାଇଥିଲା । ଅନେକ ଦାବି ପରେ ମଧ ବର୍ତ୍ତମାନ ସୁଦ୍ଧା ଏହାର ପୁନରୁଦ୍ଧାର କରାଯାଇପାରିନାହିଁ । ଏହି ଅବସରରେ ସହିଦ ପରିବାର ଙ୍କ ତରଫରୁ ଏହି ସ୍ୱାଧୀନତା ଆନ୍‌ଦୋଳନ ର ମୁକ ଶାଖୀ ପୁରୁଣା ଜେଲ କୁ ଜାତୀୟ ସ୍ମୃତି ଭାବେ ଘୋଷଣା କରିବା ପାଇଁ ଦାବି କରାଯାଇଛି । ସରକାର ଅନେକ ଜନହିତକର କାର୍ଯ୍ୟ କରି ମନ୍ଦିର, ରାସ୍ତା , ଗୃହ ନିର୍ମାଣ ଭଳି କାମ ପାଇଁ ଅର୍ଥ ବ୍ୟୟ ବରାଦ କରୁଥିବା ବେଳେ ସ୍ୱାଧୀନତା ଆନ୍‌ଦୋଳନର ସ୍ମୃତି ସନ୍ତକ ର ସୁରକ୍ଷା ପାଇଁ କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିବା ସହିତ ଏହା ଶେଷ ଦାବି ନଚେତ ଏହାର ସୁରକ୍ଷା ପାଇଁ ଆନ୍‌ଦୋଳନ ର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି ।

## ବିନା ଅଧିକାରୀରେ ଚାଲୁଛି ବ୍ରହ୍ମବରଦା ଥାନା : ଜିଲା ପ୍ରଶାସନ କରୁଛି ଅଣଦେଖା

ଧର୍ମଶାଳା, (ପି.ଏନ) ରାଜ୍ୟରେ ଆଇନ ଶୃଙ୍ଖଳା ନିମେନ୍ତ ସରକାର ଥାନା ଓ ଫାଣ୍ଡି ପ୍ରତିଷ୍ଠ ହୋଇଛି । ଏବଂ ନିକଟରେ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ନେଇ ରାଜ୍ୟ ସରକାର ଅନେକ ଫାଣ୍ଡିକୁ ଥାନାରେ ପରିଣତ କରିଛନ୍ତି । ଏନେଇ ସରକାର ତତ୍ପର ଥିବା ବେଳେ ଅନେକ ସ୍ଥାନରେ ପ୍ରଶାସନ ଅଣ ଦେଖା କରୁଥିବା ଅଭିଯୋଗ ହୋଉଛି । ଫଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଅନେକ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନରେ ଆବଶ୍ୟକୀୟ କର୍ମଚାରୀ ନ ଥିବା ବେଳେ ଅଳ୍ପ କର୍ମଚାରୀରେ ଥାନା ଚାଲୁଛି । ଯାଜପୁର ଜିଲା ବ୍ରହ୍ମବରଦା ଥାନାରେ ବିନା ଥାନାଧିକାରୀଙ୍କ ଅନୁପସ୍ଥିତିରେ ଥାନା ଚାଲିଛି । ପୂର୍ବରୁ ଧର୍ମଶାଳା ଥାନା ଅଧିନରେ ବ୍ରହ୍ମବରଦା ଫାଣ୍ଡି ରହିଥିଲା । ଏହି ସ୍ଥାନ ଏକ ଗୁରୁତ୍ୱ ପୁର୍ଣ୍ଣ ଓ ସଂଖ୍ୟଲଘୁ ସମ୍ପ୍ରଦାୟକର ଲୋକଙ୍କ ଦୃଷ୍ଟି କୋଣରୁ ଫାଣ୍ଡିକୁ ଜାନୁଆରୀ ମାସ ୯ ତାରିଖରେ ଥାନାର ମାନ୍ୟତା ଦିଆଯାଇଥିଲା । ସେତେବେଳେ ବ୍ରହ୍ମବରଦା ଫାଣ୍ଡିରେ ଥିବା ଅଧିକାରୀ ଏସ୍ ଦାଶରଥୀ ପାତ୍ର ଥାନା ଚଳାଇ ଆସୁଥିଲେ ।

# ରାୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ସମ୍ବର୍ଦ୍ଧିତ ହେଲେ କବି ପାୟଲ ପ୍ରିୟଦର୍ଶିନୀ

କଟକ,(ପି.ଏନ) : ରାୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ୟୁନିଟ୍ - ୯ ରେଡକ୍ରସ୍ ଭବନ ପରିସରରେ ଅନୁଷ୍ଠିତ ହେଇଥିବା ସମ୍ବର୍ଦ୍ଧନା ସଭାରେ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍)ରେ କୃତିତ୍ୱ ଅର୍ଜନ କରିଥିବା ଅନେକ ପ୍ରତିଭାଙ୍କ ସହ କଟକ ସଦର ନିର୍ବାଚ଼ନ ମଣ୍ଡଳୀର ୪୨ ମୌଜା ଚ଼ାନ୍ଦୁଲି ଗ୍ରାମର କନ୍ୟାରତ୍ନ ତଥା ଜଗତସିଂହପୁର ଜିଲ୍ଲା ଶାରଳା ମହାବିଦ୍ୟାଳୟରେ ଇଂରାଜୀ ଅଧ୍ୟାପିକା ଭାବେ କାର୍ଯ୍ୟରତ ପାୟଲ ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେ ସନାତନ ହରିଚ଼ନ୍ଦନ ଡିଗ୍ରୀ ମହାବିଦ୍ୟାଳୟ ଖୋର୍ଦ୍ଧା ଅଧକ୍ଷ ପ୍ରଫୁଲ୍ଲ ଦାସ ଓ ସୁମିତ୍ରା ଦାସଙ୍କ କନ୍ୟା ଅଟନ୍ତି । ସାହିତ୍ୟ ସେବା,ଚ଼ିତ୍ରକଳା, ସମାଜସେବା ଆଦି ଦିଗର ମଧ୍ୟ ସାଧନା ଜାରୀ ରଖି ଖୁବ୍ ସଫଳତା ଲାଭ କରିଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ ଖୋର୍ଦ୍ଧା ସାଂସଦ ଅପରାଜିତା ସଡ଼ଙ୍ଗୀ,କେନ୍ଦ୍ରୀୟ ପ୍ରସାଶନିକ ଅଧିକାରୀ ଶରତ ଦାସ,ରାୟ ଏକାଡେମୀ ପ୍ରତିଷ୍ଠାତା ଶଙ୍କର ରାୟ



ପ୍ରମୁଖ ଉପସ୍ଥିତ ଥିଲେ । ତାଂକୁ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା କଟକ ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାସହ ସଦର ୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସମାଜସେବୀ ପ୍ରଦୀପ୍ତ ମହାଳି ଏବଂ ଅନ୍ୟାନ୍ୟ ଉଚ଼୍ଚ଼ାଙ୍ଗ ବ୍ୟକ୍ତିତ୍ୱ ପ୍ରମୁଖ ଶୁଭେଛା ଜଣାଇଛନ୍ତି । । ପାୟଲ ଏକାଧାରରେ ଜଣେ ପ୍ରତିଭା ସଂପନ୍ନ କବୀ, ସମାଜସେବୀକା ଆଉ ଚ଼ିତ୍ରଶିଳ୍ପୀ ଅଟନ୍ତି

# ଜେଏସପି ପ୍ରତିଷ୍ଠା ଦିବସ : ପ୍ରସିଦ୍ଧ ଶିଳ୍ପପତି ଶ୍ରୀ ଓ. ପି. ଜିନ୍ଦଲଙ୍କ ୯୩ ତମ ଜନ୍ମ ଉତ୍ସବ ପାଳିତ

ଚମ୍ପୁଆ, ୦(ପି.ଏନ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ପ୍ରତିଷ୍ଠାତା ଦିବସ ୭ ଅଗଷ୍ଟ ୨୦୨୩ ରେ ଚମ୍ପୁଆ ଉପଖଣ୍ଡସ୍ଥ ଜେଏସପି ଗ୍ରୁପର ବଡ଼ବିଲ ପେଲେଟ୍ ପ୍ଲାଂଟ, ଟେନ୍ସା ଏବଂ କାସିଆ ଆଇରନ ମାଇନ୍ସରେ ମହା ସମାରୋହରେ ପାଳିତ ହୋଇ ଯାଇଛି । ସମସ୍ତ ୟୁନିଟ୍ ମୁଖ୍ୟ, ବରିଷ୍ଠ କାର୍ଯ୍ୟନିର୍ବାହୀ, କର୍ମଚାରୀ ଏବଂ ସହଯୋଗୀମାନେ ପ୍ରତିଷ୍ଠାତା ଚେୟାରମ୍ୟାନ ତଥା ପ୍ରଖ୍ୟାତ ଶିଳ୍ପପତି, ଶ୍ରୀ ଓ. ପି. ଜିନ୍ଦଲଙ୍କୁ ୯୩ ତମ ଜନ୍ମୋତ୍ସବ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଦିନିକିଆ ଆଧାତ୍ମିକ, ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥିଲା । ବଡ଼ବିଲ ପେଲେଟ ପ୍ଲାଂଟରେ ଶ୍ରୀ ଓ. ପି. ଜିନ୍ଦଲଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦିନ ଆରମ୍ଭ ହୋଇଥିଲା । ପରେ ଟାଉନସିପ୍ ମନ୍ଦିରରେ ଆୟୋଜିତ ପୂଜା ଏବଂ ଯଜ୍ଞ କାର ?ୟକ୍ରମରେ ୟୁନିଟ୍ ମୁଖ୍ୟ ଶ୍ରୀ ପୁରୁଷୋତମ ଏମ୍ ଡି, ମାନବସମ୍ବଳ ବିଭାଗ ମୁଖ୍ୟ ଶ୍ରୀ ଆଶିଷ ମହାନ୍ତି, ଅନ୍ୟ ବରିଷ୍ଠ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ। ରାତିରେ ଟିମ୍ ପେଲେଟ୍ ପ୍ଲାଂଟ ଦ୍ୱାରା ଏକ ମେଗା ପୁରସ୍କାର ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା । ଜେଏସପି କର୍ମଚାରୀଙ୍କ ବ୍ୟତୀତ ଯୋଡା-ବଡ଼ବିଲ ଖଣି ଅଂଚଳରେ ଅବସ୍ଥିତ ଅନ୍ୟ ଶିଳ୍ପଗୁଡିକର ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କୁ ମଧ ଏହି ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା। ୯୩ ତମ ପ୍ରତିଷ୍ଠାତା ଦିବସ କାସିଆ ଓ ଟେନ୍ସା ଲୌହ ଖଣିରେ ଥିବା ଟାଉନସିପ ମାନଙ୍କରେ ମହା ସମାରୋହରେ ପାଳନ କରାଯାଇଛି । ଟାଉନସିପ ମନ୍ଦିରରେ ପୂଜା ଅର୍ଚନା ସହ ପରିପାର୍ଶ୍ୱିକ ଗ୍ରାମ ମନନଙ୍କରେ ଜନକଲ୍ୟାଣ ମୂଳକ କାର ?ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଟେନ୍ସା ଠାରେ ଲୋକମାନଙ୍କ ପାଇଁ ଏକ ହଜାରେ ଲିଟର ବିଶିଷ୍ଟ ଆଲକାଲାଇନ ପାଣି ଟାଙ୍କି ଉତ୍ସର୍ଗ କରାଯାଇଥିଲା ଓ ଶ୍ରୀ ଓ. ପି. ଜିନ୍ଦଲ ମେମୋରିଆଲ୍ ଫୁଟବଲ୍ ଟୁର୍ନାମେଂଟ ଆୟୋଜନ ହୋଇଥିଲା । କାସିଆ ୟୁନିଟ୍ ମୁଖ୍ୟ ପାମୋଦ କୁମାର ପାତ୍ର ଓ ଟେନ୍ସା ୟୁନିଟ୍ ମୁଖ୍ୟ ଶ୍ରୀ କମଳାକାନ୍ତ ନନ୍ଦ ଏବଂ ଆଖପାଖ ଗ୍ରାମ ପଂଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ସମାରୋହରେ ଯୋଗ ଦେଇଥିଲେ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ମାନ୍ୟବର ଚେୟାରମ୍ୟାନ୍, ଶ୍ରୀ ନବୀନ ଜିନ୍ଦଲ ତାଙ୍କ ଟ୍ୱିଟରେ କିମ୍ବଦନ୍ତୀ ପୁରୁଷ, ଶ୍ରୀ ଓ. ପି. ଜିନ୍ଦଲ ଜୀଙ୍କୁ ମନେ ପକାଇ କହିଛନ୍ତି, "ବାଉଜୀ ସର୍ବଦା କହୁଥିଲେ, ଦେଶ ପାଇଁ ଯାହା ଭଲ ତାହା କମ୍ପାନୀ ପାଇଁ ମଧ ଭଲ। ବାଉଜୀଙ୍କ ଜୀବନ ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନ ଏବଂ ସମାଜକୁ ଉନ୍ନତ କରିବା ପାଇଁ ଉତ୍ସର୍ଗୀକୃତ ହୋଇଥିଲା । ତାଙ୍କର ଦୂରଦୃଷ୍ଟି ଏବଂ ସେ ଦେଇଯାଇଥିବା ଶିକ୍ଷା ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରିବା ଜାରି ରଖିବ। ଏହି ଅବସରରେ କର୍ମଚାରୀ ମାନଙ୍କୁ ସମ୍ବୋଧନ କରି କମ୍ପାନୀର କଂଚାମାଲ ପରିଚାଳନା ମୁଖ୍ୟ ଶ୍ରୀ ଆଶିଷ ପାଣ୍ଡେ କହିଛନ୍ତି, 'ଜେଏସପିର କର୍ମଚାରୀମାନେ ଆମର ସମ୍ମାନିତ ପ୍ରତିଷ୍ଠାତା ଶ୍ରୀ ଓ. ପି. ଜିନ୍ଦଲଜୀଙ୍କ ଦ୍ୱାରା ହୋଇଥିବା ମାର୍ଗଦର୍ଶନ ନିଷ୍ଠାର ସହ ଅନୁସରଣ କରନ୍ତି। ସେମାନେ ସର୍ବଦା କମ୍ପାନୀ ଏବଂ ପାରିପାର୍ଶ୍ୱରେ ଥିବା ଗ୍ରାମବାସୀଙ୍କ ଉନ୍ନତି ପାଇଁ ନିଜ କାର୍ଯ୍ୟରେ ସର୍ବଦା ଯତ୍ନବାନ ଏବଂ ସଚ୍ଚୋଟ ରହିଆସିଛନ୍ତି।' ଜେଏସପି ଫାଉଣ୍ଡେସନ ଦ୍ୱାରା ମଧ ପରିପାର୍ଶ୍ୱିକ ଗ୍ରାମ ଓ ସ୍କୁଲ ମାନଙ୍କରେ ଗ୍ରାମବାସି ଓ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଶ୍ରୀ ପୁରୁଷୋତମ ଏମ୍ ଡି, ପାମୋଦ କୁମାର ପାତ୍ର ଓ ସିଏସ୍‌ଆର୍ ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରା ଯୋଗଦେଇଥିଲେ । ପ୍ରତିଷ୍ଠାତା ଦିବସ ମଧ ଜିନ୍ଦଲ ସ୍କୁଲ, ବଡ଼ବିଲରେ ଜୋରସୋରରେ ପାଳନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ, ଛାତ୍ର ଏବଂ ସେମାନଙ୍କ ପିତାମାତାଙ୍କ ସମେତ ସମସ୍ତ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ଦ୍ୱାରା ଗୀତ ଏବଂ ନୃତ୍ୟ ପରିବେଷିତ ହୋଇଥିଲା ।

# ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ



ନବରଙ୍ଗପୁର,(ପି.ଏନ): ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ମହେଶ୍ୱର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି, ଶ୍ରୀ ନାୟକ ଏହା ପୂର୍ବରୁ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ କ୍ଷ ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମଚ଼ାରୀ ଶ୍ରୀ ନାୟକଙ୍କୁ ଙ୍କୁ ପୁଷ୍ପଗୁଚ଼୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଉପ ଜିଲ୍ଲାପାଳ ଧନୁର୍ଯ୍ୟ ଭୋଇ, ଡେପୁଟି କଲେକ୍ଟର ନିର୍ମଳ ନାୟକ, ସୁବ୍ରତ ବେହେରା, ପି ମନସ୍ମିତା, ବିନୋଦ ନାୟକ , ସହକାରୀ କଲେକ୍ଟର ଆଶୁତୋଷ ପାତ୍ର, ବିନାୟକ ଖାଡଙ୍ଗା, ଶିବ ପ୍ରସାଦ ପାଢି,ଅଶ୍ୱିନ କୁମାର ମାଝୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ସେକ୍ସନ ଅଫିସର, ଭି କ୍ରିଷ୍ଣା ବେଣୀ, ଅରୁଣ ବେହେରା, ସୁନୀଲ ପଟ୍ଟନାୟକ, ରାମଚ଼ନ୍ଦ୍ର ରଘୁ ମଣ୍ଡଳ, ଧନୁର୍ଜୟ ପୂଜାରୀ, ଚ଼ିତ୍ତରଞ୍ଜନ ପାତ୍ର, ପି ହରି, ମାୟାଧର ନାୟକ, ଧନଞ୍ଜୟ ରାଓ, ଡାବୁଗାଁ ତହସିଲଦାର କୃଷ୍ଣ ଚ଼ନ୍ଦ୍ର ଦାସ, ପାପଡାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ, ଓଡ଼ିଆ ରାଜସ୍ୱ ଅମଲା ସଂଘର ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତି, ମୈଥିଳି ପଟ୍ଟନାୟକ, ଜୋଛନା ଚୌଧୁରୀ, ଶିବ କେଶବ ବ୍ରହ୍ମା, ମୀରା ପଣ୍ଡା, ନୀଳକଣ୍ଠ ରାଜୁ, ୟାସର ଅଲ୍ଲୀ, ବବିତା ପରିଛା, ତୃପ୍ତି ପଟନାୟକ, ଜିତୁ ଚୌଧୁରୀ, ସଞ୍ଜୀବ ପଣ୍ଡା, ପାର୍ବତୀ ନାୟକ, ବୁଚ଼ି ପାତ୍ରାଣି, ଜିଲ୍ଲା ଜରୁରୀକାଳୀନ ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ, ବିଜୟ ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Thursday August 10, 2023 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୧୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ନୃତତ୍ତ୍ୱ ଅବହେଳିତ ବର୍ଗଙ୍କୁ ସଶକ୍ତ କରିଥାଏ




ଭୁବନେଶ୍ୱର,(ପି.ଏନ): କିସ୍ ବିଶ୍ୱବିଦ୍ୟାଳୟରେ ଆଜି ବିଶ୍ୱ ନୃତତ୍ତ୍ୱ କଂଗ୍ରେସ ଉଦ୍‌ଘାଟିତ ହୋଇଛି । କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ୟୁନାଇଟେଡ୍ ଇଣ୍ଡିଆ ଆନ୍ ?ଥ୍ରୋପୋଲୋଜି ଫୋରମ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହଯୋଗରେ ଅନୁଷ୍ଠିତ ଏହି କଂଗ୍ରେସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କଂଗ୍ରେସର ବିଷୟବସ୍ତୁ 'ଆନ୍‌ଥ୍ରୋପୋଲୋଜି ଇନ୍ ପବ୍ଲିକ୍ ସ୍ଫିଅର୍: ଇଣ୍ଡିଜେନିଟି, ସୋସିଆଲ୍ ଜଷ୍ଟିସ୍, ସଷ୍ଟେନେବିଲିଟି ଏବଂ ଗ୍ଲୋବାଲ୍ ପିସ୍' ରଖାଯାଇଛି। ଏହି ସମ୍ମିଳନୀରେ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରୁ ୧୨ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଗଦେଇ ଜାତୀୟ ସ୍ମାରକ କର୍ତ୍ତୃପକ୍ଷର ଅଧ୍ୟକ୍ଷ ତଥା ଭାରତର ନୃତତ୍ତ୍ୱ ସର୍ବେକ୍ଷଣ ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା କହିଲେ, କିସ୍ ହେଉଛି ସମାଜର ଅବହେଳିତ ଓ ଦୁର୍ବଳ ବର୍ଗର ସଶକ୍ତିକରଣର ପ୍ରତୀକ। ଏହା ବିଶ୍ୱ ଶାନ୍ତି ଓ ମୈତ୍ରୀ ପାଇଁ ଦଣ୍ଡାୟମାନ ହୋଇଛି। ସେ କହିଥିଲେ ନୃତତ୍ତ୍ୱ ଅବହେଳିତ ଓ ନିଷ୍ପେସିତ ବର୍ଗକୁ ସ୍ୱର ପ୍ରଦାନ କରିଥାଏ। ନୃତତ୍ତ୍ୱବିତ୍‌ମାନେ ବିକାଶର ବିରୋଧୀ ବୋଲି ସାଧାରଣରେ ଯେଉଁ ଧାରଣା ରହିଛି ତାହା ଭୁଲ୍ ବୋଲି ସେ କହିଥିଲେ। ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖି କିଭଳି ବିକାଶ କରାଯାଇପାରିବ, ତା ଉପରେ ନୃତତ୍ତ୍ୱବିତ୍‌ମାନେ ଗୁରୁତ୍ୱ ଦେଇଥାନ୍ତି ବୋଲି ପ୍ରଫେସର ବାସା କହିଥିଲେ। ଜନଜାତି ସମ୍ପ୍ରଦାୟ ପ୍ରକୃତି ଓ ଦେଶୀୟ ସଂସ୍କୃତି ମଧ୍ୟରେ ସନ୍ତୁଳନ ରକ୍ଷାକରି ଜୀବନ ଜୀଇଁ ଆସୁଛନ୍ତି। ସେମାନଙ୍କଠାରୁ ଆମେ ସମସ୍ତେ ପ୍ରେରଣା ନେବା ଉଚିତ୍? ବୋଲି ସେ କହିଥିଲେ। ଏହି କଂଗ୍ରେସରେ ନୃତତ୍ତ୍ୱ ପାଇଁ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ଆଲୋଚନା ହେବା ସହ ନୀତି ନିର୍ଦ୍ଧାରଣ, ଶାସନ ଉପରେ ଯେଉଁସବୁ ପ୍ରଭାବ ରହିଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନ କରିବାକୁ ସେ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏକ ବାର୍ତ୍ତାରେ କହିଥିଲେ, ଏକ ନ୍ୟାୟସଂଗତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବୈଶ୍ୱିକ ସମାଜ ଗଠନରେ ପଥ ପ୍ରଶସ୍ତ କରିବାରେ ନୃତତ୍ତ୍ୱର କ୍ଷମତା ରହିଛି। ଏହା ଉପରେ ଦୃଢ ବିଶ୍ୱାସ ରଖି ଆମେ ସ୍ୱଦେଶୀ ସମ୍ପ୍ରଦାୟକୁ ଶିକ୍ଷା ଓ ଜ୍ଞାନ ପ୍ରଦାନ ମାଧ୍ୟମରେ ସଶକ୍ତ କରି ଚାଲିଛୁ। ଆମେ ଦୂରଦୃଷ୍ଟିପୂର୍ଣ୍ଣ ବ୍ୟକ୍ତି, ପ୍ରଫେସର ଅଫ୍ ପ୍ରାକ୍‌ଟିସ୍, ଜନଜାତି ପରାମର୍ଶଦାତା ପରିଷଦର ସହଯୋଗରେ ସ୍ୱଦେଶୀ ଜ୍ଞାନକୁ ସମ୍ମାନ ପ୍ରଦାନ ଓ ସଂରକ୍ଷଣ ପାଇଁ ପ୍ରତିବଦ୍ଧ ବୋଲି ସେ କହିଥିଲେ। ଅପର ପକ୍ଷରେ ଆମେ କିସରେ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି କିପରି ବିକାଶ କରାଯାଇପାରିବ ସେ ନେଇ ସାର୍ଥକ ଆଦାନ ପ୍ରଦାନ ନିମନ୍ତେ ସୁବିଧା କରିଛୁ ବୋଲି ସେ କହିଥିଲେ। ବିନମ୍ରତା ଓ ମାନବିକତାକୁ ଏକ ଅଭ୍ୟାସରେ ପରଣିତ କରିଥିବା କିସ୍ ପାଇଁ ଏହି କଂଗ୍ରେସ ଏକ ସମ୍ମିଳନୀଠାରୁ ବହୁତ କିଛି ଅଧିକ ବୋଲି କିସ୍? ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ସତ୍ୟ ଏସ. ତ୍ରିପାଠୀ କହିଥିଲେ। କିସ୍ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରୟୋଗ ଯାହାକି ୬୦ହଜାର ଜନଜାତି ଶିଶୁଙ୍କ ଆବାସସ୍ଥଳୀ ବୋଲି ସେ କହିଥିଲେ। କିସ୍ ହେଉଛି ଆଦିବାସୀଙ୍କ ମକ୍କା ବୋଲି ୱାକ-ନାକ୍? ଅଧ୍ୟକ୍ଷ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପି.ସି. ଯୋଶୀ କହିଥିଲେ। ଆମେ ଏଠାରେ ନୃତତ୍ତ୍ୱ କଂଗ୍ରେସ କରୁଥିବାରୁ ଖୁବ୍ ଆନନ୍ଦିତ ବୋଲି ସେ କହିଥିଲେ। ଶିକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିସ୍ ହେଉଛି ସାମଗ୍ରିକ ବିକାଶର ଅନୁଷ୍ଠାନ ଯେଉଁଠାରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶର ଯତ୍ନ ନିଆଯାଇଥାଏ ବୋଲି ପ୍ରଫେସର ଯୋଶୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁଆଇଏଏଫ୍ ପୃଷ୍ଠପୋଷକ ପ୍ରଫେସର ପି.କେ.ମୁଟାଟକର୍, ପ୍ରଫେସର ପି. କେ. ମିଶ୍ର, ୟୁନିସେଫ୍? ପରାମର୍ଶଦାତା ପ୍ରଫେସର ଅଖିଳବିହାରୀ ଓତା, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ.ନାଗରାଜୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କିସ୍? ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ୟୁଆଇଏଏଫ୍?ର ସଦସ୍ୟ ସଚିବ ପ୍ରଫେସର ଏସ. ଗ୍ରିଗୋରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏଭି ପୋଖରୀପୁଟରେ ସ୍ୱଭାବକବି ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର (ପି.ଏନ): ଡିଏଭି ପୋଖରୀପୁଟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟ'1 ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କବି ଗଙ୍ଗାଧରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । 'ପ୍ରତିକୂଳ ପରିବେଶରେ କବି ଗଙ୍ଗାଧରଙ୍କ ପ୍ରତିଭାର ସ୍ଫୁରଣ ଯେପରି ଘଟିଥିଲା, ତାଙ୍କର ଆଦର୍ଶକୁ ଅନୁକରଣ କରି ଓଡ଼ିଆ ଭାଷା , ଜାତିର ସ୍ୱାଭିମାନ ରକ୍ଷା ନିମେ' ସଂକଳ୍ପବଦ୍ଧ ହେଲେ ଏହି ଜୟ'1 ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ସେ ବିଦ୍ୟାର୍ଥୀମାନଙ୍କୁ ନିଜର ଅଭିଭାଷଣରେ କହିଥିଲେ। ' ବିଦ୍ୟାଳୟର ସମସ୍ତ ନିରୀକ୍ଷକ-ନିରୀକ୍ଷିକା ଓ ଓଡ଼ିଆ ବିଭାଗର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ କବି ମେହେରଙ୍କ ଫଟୋଚିତ୍ରରେ ଭକ୍ତିସୁମନ ଅର୍ପଣ କରିଥିଲେ । ଦଶମ ଶ୍ରେଣୀର ଛାତ୍ରୀ ଖୁସବୁ ସିଂ କବିଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିବା ବେଳେ ସପ୍ତମ ଶ୍ରେଣୀର ଛାତ୍ରୀ ସ୍ୱାତିସ୍ନିଗ୍ଧା ନାୟକ କବିଙ୍କ ରଚିତ 'ବିଶ୍ୱ ଜୀବନ ହେ' ଗାନ କରିଥିଲେ । ଚତୁର୍ଥ ଶ୍ରେଣୀର ଛାତ୍ର ପ୍ରୀତିଶ୍ ସୁନ୍ଦର ବେହେରା କବିଙ୍କ 'କର୍ମଗୁଣ' କବିତାକୁ ଆବୃତ୍ତି କରିଥିଲେ।

## ଛତୁ ଚାଷ ରୁ ଲାଭବାନ ହେବେ ବାରୁଦଖାନା ଚାଷୀ: ସୋଆ ର ଛତୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଓ ପୁରଣପଧାନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାରୁଦଖାନା ଗ୍ରାମ ରେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଫାକଲ୍ଟି ଅଫ ଏଗ୍ରିକଲଚରାଲ ସାଇନ୍ସ କୃଷି ମହାବିଦ୍ୟାଳୟ ର ଶେଷ ବର୍ଷ ସ୍ନାତକ ଛାତ୍ରୀ ମାନଙ୍କ ସଂଯୋଜନା ରେ ଏକ ଛତୁଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଏକ ଦିବାସୀୟ ପ୍ରଶିକ୍ଷଣ, ସୋଆ ର ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ ର ଗୋଟିଏ ଅଂଶ ଭାବରେ ଗ୍ରହଣ କରାଯାଉଛି। ସୋଆ କୀଟତତ୍ତ୍ୱ ବିଭାଗ ର ସହକାରୀ ପ୍ରଫେସର ତଥା ଛାତ୍ରୀ ମାନଙ୍କ ତତ୍ତ୍ୱାବଧାରକ ଡକ୍ଟର ଭୁବନାନନ୍ଦ ଅଧିକାରୀ ଙ୍କ ସଭାପତିତ୍ୱ ରେ ପ୍ରଥମେ ଏକ ପ୍ରଶିକ୍ଷଣ ଭିତ୍ତିକ ସଭା ଅନୁଷ୍ଠିତ ହୋଇଥିଲା। କୃଷକ ସାଥି ତଥା ବିଶିଷ୍ଟ କୃଷିବିତ ସୁମନ୍ତ ପ୍ରଧାନ ଏଥିରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ ଓ ଛତୁ ଚାଷ କୃଷିଭିତ୍ତିକ ଆୟ ର ଏକ ଅଭିନବ ଦିଗ ବୋଲି କହିଥିଲେ। ଗ୍ରାମ ର ଅନ୍ୟତମ ଅଗ୍ରଣୀ କୃଷିବିତ ତଥା ସମନ୍ୱିତ କୃଷି ପ୍ରଣାଳୀ କୁ ଆପଣେଇଥିବା ଜଣେ ସଫଳ କୃଷକ ତ୍ରିନାଥ ପ୍ରଧାନ ଏହି ଉତ୍ସବ ରେ ଛତୁ ଚାଷ ର ପାରମ୍ପରିକ ତଥା ନୂତନ କୌଶଳ ବିଷୟ ରେ ଆଲୋକପାତ କରିଥିଲେ। ପରେ ପରେ ଛାତ୍ରୀ ମାନେ ଦୁଇଟି ଛତୁ ଭାଡି ପ୍ରସ୍ତୁତ କରି ଦେଖାଇଥିଲେ ଏବଂ ଛତୁ ରୁ ପ୍ରସ୍ତୁତ ଦୁଇଟି ମୁଲ୍ୟଯୁକ୍ତ ଉତ୍ପାଦ ଯଥା ଛତୁ ଆଚାର ଓ ଛତୁ ପାମ୍ପଡ଼ ର ପ୍ରସ୍ତୁତି ବିଷୟ ରେ ବୁଝାଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଗ୍ରାମ ର ୨୦ ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ବାରୁଦଖାନା ଗ୍ରାମ କୁ ଗତ କିଛି ଦିନ ଧରି ସୋଆ କୃଷି ମହାବିଦ୍ୟାଳୟ ର କୋଡିଏ ଜଣ ଛାତ୍ରୀ ପ୍ରତିନିଧି ଦଳ ପ୍ରଦର୍ଶନ କରି ବିଭିନ୍ନ କୃଷି ଭିତ୍ତିକ ତଥ୍ୟ ସଂଗ୍ରହ କରୁଛନ୍ତି। ଆଗାମୀ ଦିନ ରେ ଅନ୍ୟ ଏକ କୃଷିଭିତ୍ତିକ ବିଶେଷ ପ୍ରଶିକ୍ଷଣ ସହ ସଚେତନତା କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ସୋଆ କୃଷି ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ଓ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ ର ସଂଯୋଜକ ଡକ୍ଟର ଅଂଶୁମାନ ଜେନା ଗ୍ରାମବାସୀ ତଥା ଅଂଶଗ୍ରହଣକାରୀ ମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ




ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ କୁମାରୀ ପଂଚାୟତ ଜାମୁବଣିଆ ମୌଜାରେ ଆଜି ଜାରକାର ମହାବିନାୟକ କୋଚିଂ ସ୍କେର ଓ ଯାଜପୁରର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ କରାଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି, ଶିକ୍ଷକ ପଙ୍କଜ ମଲ୍ଲିକ୍, ଅବସରପ୍ରାପ୍ତ ସୈନିକ ଚନ୍ଦ୍ରମଣି ନାୟକ ଓ ବଟକୃଷ୍ଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶମାତୃକା ପାଇଁ ଜୀବନ ଉତ୍ସର୍ଗ କରିଥିବା ଜବାନ୍‌ଙ୍କ ଗୁଣଗାନ କରିବା ସହିତ ପରିବେଶ ସୁରକ୍ଷା ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଅନୁଷ୍ଠାନର କର୍ମକର୍ତ୍ତା ପ୍ରତାପ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରତିଷ୍ଠାତା ଉଗ୍ରେସନ ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଯୁବକେନ୍ଦ୍ର ସଂଯୋଜକ ଅରୁଣ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ପୂଜା ଜେନା, ସୁନିଲ୍ କୁମାର ସାହୁ, ଅଭିଜିତ୍ ଭୂଆଁ, ସୁପ୍ରଭା ବେହେରା, ଅଭିରାମ ବେହେରା, ମଧୁସ୍ମିତା ବେହେରା, ସ୍ୱପ୍ନା ସାହୁ, ସୋନାଲି ମଳିକ, ବନିତା ତରାଇ, ତପସ୍ୱିନୀ ମଳିକ, ସୂର୍ଯ୍ୟକାନ୍ତ ରଣା, ଓମ୍‌ପ୍ରସାଦ ବେହେରା, ଶୁଭମ୍ ମଲ୍ଲିକ୍, ଦେବାଶିଷ ଜେନା, ସୁମିତ୍ରା କୁଣ୍ଡୁ, ମହେଶ୍ୱର ମଲ୍ଲିକ୍, ରୁକ୍‌ସାନ୍ ଖାତୁନ୍, ବିଜୟଲକ୍ଷ୍ମୀ ମଳିକ, ସୀମା ବେହେରା, ସୁମିତ୍ରା ମଳିକ, ଅମିତ୍ ବେହେରା, ସିପ୍ରା ସାହୁ, ରାଜେଶ୍ ବେହେରା, କମଳ ଲୋଚନ ପରିଡ଼ା, ଲିପିନା ବେହେରା, ପ୍ରିୟଙ୍କା ରାଓ, ସନ୍ଧ୍ୟାରାଣୀ ଦୋରା, ତୁଳସୀ ମଲ୍ଲିକ୍, ସୁମିତ୍ ପଲେଇ, ଶୁଭଶ୍ରୀ ସାହୁ, ସାମ୍ବାଦିକ ସୀତାକାନ୍ତ ସାମଲ, ଅତିଥି, ଉଭୟ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟ ଓ ଛାତ୍ରଛାତ୍ରୀମାନେ ୮୦ଟି ବିଭିନ୍ନ ଫୁଲ, ଫଳ ଏବଂ ଔଷଧୀୟ ଚାରାରୋପଣ କରିଥିଲେ । ଛାତ୍ରୀ ରୂପା ମଳିକ ଧନ୍ୟବାଦ ଦେଇଥିଲେ ।

# ସରିଲା ଉପନିର୍ବାଚନ, ୭୦ପ୍ରତିଶତ ମତଦାନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍‌ର ୧୫ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ, ନେଉଳପୁର ପଂଚାୟତ ସମିତିସଭ୍ୟ ଓ ଚକ୍ରଧରପୁର ପଂଚାୟତର ୭ନମ୍ବର ୱାର୍ଡସଭ୍ୟ ପଦବୀ ନିମନ୍ତେ ଆଜି ଉପନିର୍ବାଚନ ଶେଷ ହୋଇଛି । ବୁଥ୍ ଜବରଦଖଲକୁ ନେଇ କାଁଭାଁ ବଚସା ଓ ପାଟିତୁଣ୍ଡକୁ ଛାଡ଼ିଦେଲେ ଶାନ୍ତିଶୃଙ୍ଖଳାରେ ମତଦାନ ହୋଇଛି । ମୋଟ୍ ୧୩୧ଟି ବୁଥିରେ ୩ଟି ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହୋଇଥିଲା । ହାରାହାରି ୭୦.୫୭ ପ୍ରତିଶତ ମତଦାନ ହୋଇଛି । ୩୯ହଜାର ୨୪୯ଜଣ ଭୋଟରଙ୍କ ମଧ୍ୟରୁ ମୋଟ ୨୭ହଜାର ୭୦୧ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି । ଜିଲ୍ଲା ପରିଷଦ ଜୋନ୍‌ରେ ୧୧୮ଟି ବୁଥିରେ ୩୩ହଜାର ୩୭୬ଜଣ ଭୋଟରଙ୍କ ମଧ୍ୟରୁ ୭୨.୧୮ ପ୍ରତିଶତ ହାରରେ ୨୪ହଜାର ୯୪ଜଣ ମତଦାନ କରିଛନ୍ତି । ସେହିପରି ନେଉଳପୁର ପଂଚାୟତରେ ସମିତିସଭ୍ୟ ଉପନିର୍ବାଚନ ପାଇଁ ୧୨ଟି ବୁଥିରେ ୫୬୬୬ ଭୋଟରଙ୍କ ମଧ୍ୟରୁ ୬୧.୦୪ପ୍ରତିଶତ ହାରରେ ୩୪୫୯ଜଣ ମତଦାନ କରିଛନ୍ତି । ଏଥିସହି ଚକ୍ରଧରପୁର ପଂଚାୟତ ୭ନମ୍ବର ୱାର୍ଡସଭ୍ୟ ଉପନିର୍ବାଚନରେ ୨୦୭ଜଣ ଭୋଟରଙ୍କ ମଧ୍ୟରୁ ୭୧.୪୯ ହାରରେ ୧୪୮ଜଣ ଭୋଟର ମତଦାନ ସାବ୍ୟସ୍ତ କରିଥିବା ବିଭାଗୀୟ କର୍ମଚାରୀ ରତିକାନ୍ତ ଜେନା ସୂଚନା ଦେଇଛନ୍ତି । ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇ ଦିନ ୧ଟା ପର୍ଯ୍ୟନ୍ତ ଚାଲିଥିଲା । ଅଧିକାଂଶ ବୁଥିରେ ଧାର୍ଯ୍ୟ ସମୟ ପୂର୍ବରୁ ଭୋଟ୍ ଗ୍ରହଣ ଶେଷ ହୋଇଥିବା ବେଳେ ଅବଶିଷ୍ଟ ବୁଥିରେ ସାମାନ୍ୟ ବିଳମ୍ବ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ବୁଥିରେ ପହଁଚିଥିବା ଭୋଟରମାନେ ବିଳମ୍ବରେ ଭୋଟ୍ ଦେଇ ଫେରିଥିଲେ । ଉତେଜନାପ୍ରବଣ ବୁଥ୍‌ଗୁଡ଼ିକରେ ପୁଲିସ୍ ଛାଉଣୀରେ ଭୋଟ୍ ଗ୍ରହଣ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ୧୦ଟି ପାଟ୍ରୋଲିଂ ଭ୍ୟାନ୍ ନିୟୋଜିତ ହୋଇଥିବା ବେଳେ ୨ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୃତୟନ ହୋଇଥିଲା । ଯାଜପୁର ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋର ଓ ଏସ୍‌ପି ଭିନିତ୍ ଅଗ୍ରୱାଲ ଜିଲ୍ଲା ପରିଷଦ ଜୋନ୍ ଅଧୀନ ଉତରପ୍ରତାପ, ଦେଓଦା, ମଙ୍ଗଳପୁର ଓ କୋତପୁର ପଂଚାୟତର କେତେକ ବୁଥ୍ ବୁଲି ଭୋଟ୍ ଗ୍ରହଣ ସ୍ଥିତି ପରଖିଥିଲେ । ଏହା ସତ୍ୱେ ଉତରପ୍ରତାପ ପଂଚାୟତ ଚାନ୍ଦମୋହିନୀ, ପଟୁଣିଆ ପଂଚାୟତର ୩ନମ୍ବର ବୁଥ୍, କୋତପୁର ପଂଚାୟତର ଭଗବାନପୁର, ମଙ୍ଗଳପୁର ଓ ଅରାବଳ ପଂଚାୟତର ଏକାଧିକ ବୁଥିରେ ଜବରଦଖଲ ହୋଇଥିବା ବିଜେପି ନେତ୍ରୀ ସ୍ମୃତିରେଖା ପହି ଓ ଜିଲ୍ଲା ପରିଷଦ ପ୍ରାର୍ଥୀ ମହେଶ୍ୱର ତରାଇ ଅଭିଯୋଗ କରିଛନ୍ତି । ଭୋଟ୍ ଗ୍ରହଣ ଶେଷ ହେବାପରେ ପୁଲିଂ ପାର୍ଟି ଭୋଟ ବାକ୍ସଗୁଡ଼ିକୁ ସିଲ୍ କରି ପୁଲିସ୍ ସହାୟତାରେ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ଶ୍ରେଣୀ ଗୃହରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ଆସନ୍ତା ୧୧ତାରିଖ ସକାଳ ୮ଟାରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ବ୍ଲକ୍ ନିର୍ବାଚନ ଅଧିକାରୀ ତଥା ଧର୍ମଶାଳା ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray